# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି ODIA

ECHO OF HIS CALL 1969-2019 GOLDEN JUBILEE

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXIII YEAR OF OUR LORD JESUS CHRIST, FEBRUARY 2022 No.12


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୨୦:୧–୯)

୧ ସଦାପ୍ରଭୁ ସଙ୍କଟ ଦିନରେ ତୁମ୍ଭକୁ ଉତ୍ତର ଦେଉନ୍ତୁ; ଯାକୁବର ପରମେଶ୍ୱରଙ୍କ ନାମ ତୁମ୍ଭକୁ ଉଚ୍ଚରେ ସ୍ଥାପନ କରୁ;

୨ ସେ ପବିତ୍ର ସ୍ଥାନରୁ ତୁମ୍ଭର ସାହାଯ୍ୟ ପଠାଉନ୍ତୁ, ସିୟୋନଠାରୁ ତୁମ୍ଭକୁ ବଳବାନ କରନ୍ତୁ;

୩ ତୁମ୍ଭର ନୈବେଦ୍ୟସବୁ ସ୍ମରଣ କରନ୍ତୁ, ପୁଣି ତୁମ୍ଭର ହୋମବଳି ଗ୍ରହଣ କରନ୍ତୁ;

୪ ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରନ୍ତୁ ଓ ତୁମ୍ଭର ମନ୍ତ୍ରଣାସବୁ ସିଦ୍ଧ କରନ୍ତୁ ।

୫ ଆମ୍ଭେମାନେ ତୁମ୍ଭ ପରିତ୍ରାଣରେ ଜୟଧ୍ୱନି କରିବୁ ଓ ଆମ୍ଭମାନଙ୍କ ପରମେଶ୍ୱରଙ୍କ ନାମରେ ଆମ୍ଭେମାନେ ଧ୍ୱଜା ସ୍ଥାପନ କରିବୁ; ସଦାପ୍ରଭୁ ତୁମ୍ଭର ସବୁ ନିବେଦନ ସିଦ୍ଧ କରନ୍ତୁ ।

୬ ଏବେ ମୁଁ ଜାଣୁଅଛି ଯେ, ସଦାପ୍ରଭୁ ଆପଣା ଅଭିଷିକ୍ତକୁ ଉଦ୍ଧାର କରନ୍ତି, ସେ ଆପଣା ଦକ୍ଷିଣ ହସ୍ତର ତ୍ରାଣଶକ୍ତିରେ ନିଜ ପବିତ୍ର ସ୍ୱର୍ଗରୁ ତାହାକୁ ଉତ୍ତର ଦେବେ ।

୭ କେହି କେହି ରଥରେ ଓ କେହି କେହି ଅଶ୍ୱରେ ନିର୍ଭର କରନ୍ତି; ମାତ୍ର ଆମ୍ଭେମାନେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ନାମ କୀର୍ତ୍ତନ କରିବା ।

୮ ସେମାନେ ନତ ହୋଇ ପତିତ ହୋଇଅଛନ୍ତି; ମାତ୍ର ଆମ୍ଭେମାନେ ଉଠି ସଳଖ ଠିଆ ହେଉଅଛୁ ।

୯ ହେ ସଦାପ୍ରଭୋ, ପରିତ୍ରାଣ କର; ଆମ୍ଭେମାନେ ଡାକିବା ବେଳେ ରାଜା ଆମ୍ଭମାନଙ୍କୁ ଉତ୍ତର ଦେଉନ୍ତୁ ।

## ଯୀଶୁ ଖ୍ରୀଷ୍ଟଙ୍କର ବଂଶାବଳି କାହିଁକି କେବଳ ଅବ୍ରହାମ ଓ ଦାଉଦଙ୍କଠାରୁ ଆରମ୍ଭ ହୋଇଛି ?

(Why the genealogy of Jesus Christ Precedes Abraham and David only ?)


(ଭାଇ ଏମ୍. ପଲ୍‌ରାଜ୍)



ମାଥିଉ ୧ ଅଧ୍ୟାୟ ୧ ପଦରେ ଲେଖାଯାଇଛି : ''ଅବ୍ରହାମଙ୍କ ସନ୍ତାନ ଓ ଦାଉଦଙ୍କ ସନ୍ତାନ ଯୀଶୁ ଖ୍ରୀଷ୍ଟଙ୍କ ବଂଶାବଳି ...।'' ଯୀଶୁ ଖ୍ରୀଷ୍ଟଙ୍କ ବଂଶାବଳି ମଧ୍ୟରେ ୪୨ ପୁରୁଷ (ପିଢ଼ୀ) ରହିଛି ଓ ଏହା ଅବ୍ରହାମଠାରୁ ଆରମ୍ଭ କରି ଯୋଷେଫଙ୍କ ପର୍ଯ୍ୟନ୍ତ ରହିଛି । ତେବେ ୪୨ ପିଢ଼ୀ ମଧ୍ୟରେ, ଈଶ୍ୱର କେବଳ ତିନୋଟି ପିଢ଼ୀକୁ ମନୋନୀତ କରିଥିଲେ । ସେଥିପାଇଁ, ଉପରୋକ୍ତ ତିନୋଟି ନାମରେ ସୁଦୂର ପ୍ରସାରୀ ଗୁରୁତ୍ୱ, ଅବଶ୍ୟ ରହିଥିବ । ହଁ, ଏହି ନାମଗୁଡ଼ିକ ସ୍ୱତନ୍ତ୍ର ଓ ସେଗୁଡ଼ିକର ମୂଲ୍ୟ ଓ ଗୁରୁତ୍ୱ ରହିଅଛି । ଆସନ୍ତୁ, ଆମେ ଏହି ତିନୋଟି ନାମ, ଯଥା – ଅବ୍ରହାମ୍, ଦାଉଦ ଓ ଯୀଶୁ ଖ୍ରୀଷ୍ଟ ବିଷୟରେ ବିଶଦ ଭାବରେ ଆଲୋଚନା କରିବା ।

### ଅବ୍ରହାମ୍ !

ଅବ୍ରାମ କଲଦୀୟମାନଙ୍କ ଦେଶ, ମେସୋପୋଟାମିଆର ଅଧିବାସୀ ତେରହଙ୍କର ପୁତ୍ର ଥିଲେ । ସମଗ୍ର ଦେଶ ମୂର୍ତ୍ତିପୂଜକମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲା । ମାତ୍ର ସଦାପ୍ରଭୁ ଅବ୍ରାମ୍ ନାମକ ଜଣେ ଧାର୍ମିକ ବ୍ୟକ୍ତିଙ୍କୁ ମନୋନୀତ କରି ତାଙ୍କୁ ଏକ ସୁଦୂର ସ୍ଥାନକୁ ଆହ୍ୱାନ କରିଥିଲେ । ଈଶ୍ୱର ତାଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ ଯେ ସେ ତାଙ୍କ ମହାନ କରିବେ ଓ ପୃଥିବୀରେ ତାଙ୍କ ବଂଶକୁ ଆଶୀର୍ବାଦ କରିବେ (ଆଦି ୧୨:୧–୩, ପ୍ରେରିତ ୭:୨–) । ଯଦିଓ ଏହି ଆହ୍ୱାନ ଅବ୍ରାମଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ତଥାପି ତାଙ୍କ ପିତା ଏହାକୁ ଗ୍ରହଣ କରିଥିଲେ ଓ ଅବ୍ରାମ, ତାଙ୍କ ପତ୍ନୀ ସାରୀ ଓ ତାଙ୍କର ପୌତ୍ର ଲୋଟଙ୍କ ସହିତ ଆସି କିଛି ଦିନ ପାଇଁ କିଣାନ ପଥ ମଧ୍ୟରେ ଥିବା କଲଦୀୟମାନଙ୍କ ଊରଠାରେ ବସବାସ କରିଥିଲେ । ସେମାନେ ୩୦–୪୦ ବର୍ଷ ଧରି ହାରଣରେ ବସତି ସ୍ଥାପନ କରିଥିଲେ ଓ ସଂପତ୍ତି ଲାଭ କରିଥିଲେ । ତେରହଙ୍କର ମୃତ୍ୟୁ ପରେ, ଅବ୍ରାମଙ୍କ ନିକଟକୁ ପୁନର୍ବାର ଆହ୍ୱାନ ଆସିଲା (ଆଦି ୧୨:୧–୩) । ତଥାପି, ଅବ୍ରାମ ନିଜ ସ୍ତ୍ରୀଙ୍କ ସହିତ ଲୋଟଙ୍କୁ ମଧ୍ୟ ନେଇଥିଲେ । ଏହା ଈଶ୍ୱର ପ୍ରଦତ୍ତ ଆହ୍ୱାନର ଏକ ବିଚ୍ୟୁତି ଥିଲା । ଈଶ୍ୱର ଅବ୍ରାମଙ୍କଠାରେ ଖୁସି ନ ଥିଲେ । ଯଦି କୌଣସି ପରିବାର ଅନ୍ୟମାନଙ୍କ ସହିତ ମିଶି ରହିଥାଏ, ତେବେ ଈଶ୍ୱର ସେହି ପରିବାରକୁ ଆଶୀର୍ବାଦ କରିପାରନ୍ତି ନାହିଁ । ଏଠାରେ ଦୃଷ୍ଟି ଭ୍ରଷ୍ଟ ହେବ । ଏହା ପରିବାର ହେଉ କିମ୍ବା ବ୍ୟବସାୟ, ଈଶ୍ୱର ଅବ୍ରାମଙ୍କ ସହିତ


(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ECHO OF HIS CALL - (1969-2019 GOLDEN JUBILEE YEAR)




(ECHO GROUP)

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



> "ପୁଣି ଆମ୍ଭେ ଆପଣା ଲୋକ ଇସ୍ରାଏଲର ବନ୍ଦୀତ୍ୱାବସ୍ଥା ପରିବର୍ତ୍ତନ କରିବା..." (ଆମୋଷ ୯:୧୪) ।

## ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,

*ଆମର ପ୍ରଭୁ ଓ ତ୍ରାଣକର୍ତ୍ତାଙ୍କ ନାମ ଗୌରବାନ୍ୱିତ ହେଉ । ଆମେ ଏହି ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ମାଧ୍ୟମରେ ତାଙ୍କ ନାମରେ ଆପଣଙ୍କୁ ସାଦର ଅଭିବାଦନ ଜଣାଉଅଛୁ ।*

*ଈଶ୍ୱର ଡିସେମ୍ବର ୨୦୨୧ ଓ ଜାନୁୟାରୀ ୨୦୨୨ରେ ଆମର ସମସ୍ତ କାର୍ଯ୍ୟ ଉପରେ ଆଶୀର୍ବାଦ କରିଥିଲେ । ଆମେ ସୁନ୍ଦର ଭାବରେ ବଡ଼ଦିନ ଓ ନୂତନ ବର୍ଷର ସଭାଗୁଡ଼ିକର ଆୟୋଜନ କରିଥିଲୁ ଓ ସଣ୍ଡେସ୍କୁଲ ପିଲାମାନଙ୍କର ସେବାକାର୍ଯ୍ୟ, ନିହିମିୟା ବାଇବଲ କଲେଜର ଅନ୍-ଲାଇନ୍ ପାଠପଢ଼ା ହିନ୍ଦୀ ଭାଷାରେ ସଂପାଦନ କରିଥିଲୁ ।*

*ଆମର ପ୍ରଭୁ ଆମର ହିନ୍ଦୀ ଅନ୍-ଲାଇନ୍ ପାଠପଢ଼ା ଉପରେ ଆଶୀର୍ବାଦ କରୁଛନ୍ତି ଯାହା ୨୦୨୨ ଜାନୁୟାରୀ ୩ ତାରିଖରେ ଆରମ୍ଭ ହୋଇଥିଲା । ଅନେକ ଛାତ୍ର ଯୋଗ ଦେଇଛନ୍ତି ଓ ଏହି ଅନ୍-ଲାଇନ୍ ପାଠ୍ୟକ୍ରମ ଉତ୍ତର ଭାରତର ହିନ୍ଦୀ ଭାଷାବାଦୀ ଛାତ୍ରମାନଙ୍କର ଉପକାର ପାଇଁ ପରିଚାଳିତ ହେଉଅଛି ଯେଉଁମାନେ ନିୟମିତ ପାଠପଢ଼ା ମାଧ୍ୟମରେ ଅଧ୍ୟୟନ କରିବା ନିମନ୍ତେ ଅସମର୍ଥ ଅଟନ୍ତି ।*

*ଈଶ୍ୱର ଆମର ସଣ୍ଡେସ୍କୁଲ ପରିଚାଳନା କରିବା ନିମନ୍ତେ ଦଳେ ନେତାଙ୍କୁ ଯୋଗାଇଛନ୍ତି । ସେହି ଦଳର ଗୋଟିଏ ଚିତ୍ର ନିମ୍ନରେ ପ୍ରକାଶିତ ହୋଇଛି । ଦୟାକରି ସେମାନଙ୍କୁ ଆପଣମାନଙ୍କ ପ୍ରାର୍ଥନାରେ ତୋଳି ଧରନ୍ତୁ ।*



*ଆମେ ନିର୍ଦ୍ଦିଷ୍ଟ ଭାବରେ ଆମର ପ୍ରିୟ ପାଳକ ଓ ନିହିମିୟା ବାଇବଲ କଲେଜର ସହଭାପତି ଏମ୍.ମୁଥୁଙ୍କର ଓ ଆହ୍ୱାନର ପ୍ରତିଧ୍ୱନି, ସହଯୋଗୀ ସଂପାଦକ ଭାଇ. ଏମ୍. ପଲ୍‌ରାଜଙ୍କର ସ୍ୱାସ୍ଥ୍ୟ ଉପରେ ଈଶ୍ୱରଙ୍କର ବିଶେଷ ସ୍ପର୍ଶ ଓ କ୍ଷିପ୍ର ସୁସ୍ଥତା ନିମନ୍ତେ ପ୍ରାର୍ଥନା କରିବାକୁ ଇଚ୍ଛା କରୁଅଛୁ, ସେମାନେ ଆମର ବିଭିନ୍ନ କାର୍ଯ୍ୟକଳାପର ସ୍ତମ୍ଭ ଅଟନ୍ତି ।*

*ଆମେ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ ଓ ଆପଣମାନଙ୍କ ଜୀବନରେ ମହତ୍ କାର୍ଯ୍ୟର ଆଶା କରୁଅଛୁ ।*

*ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍

**(+91) 98412 71858 / 98410 71858, E.mail : samselvaraj333@gmail.com**

### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

**CHIEF EDITOR**
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th., M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M.Phil., B.Ed.

**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**E.mail ID**
sam@echoofhiscall.org
biblecor@yahoo.co.in

**WEBSITES**
www.echoofhiscall.org
www.stpaulsmatriculation.com

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଥିଲେ । ପରିବାର କିଣାନ ମଧ୍ୟରେ ପ୍ରବେଶ କରି ଶିଖିମରେ ବସତି ସ୍ଥାପନ କରିଥିଲା । ଏହାପରେ ଅବ୍ରାମ ବୈଥେଲକୁ ଯାଇ ସେଠାରେ ନିଜର ଶିବିର ସ୍ଥାପନ କରିଥିଲେ । ଈଶ୍ୱର ଅବ୍ରାମଙ୍କୁ ଦେଖା ଦେଇ କହିଥିଲେ ଯେ ସେ ତାଙ୍କର ବଂଶଧରମାନଙ୍କୁ କିଣାନୀୟମାନଙ୍କର ଦେଶ ପ୍ରଦାନ କରିବେ (ଆଦି ୧୨:୭) ।

ଅବ୍ରାମ ପଶୁପଲ, ରୂପା ଓ ସୁନାରେ ଧନୀ ଥିଲେ । ଦିନ ଅତିକ୍ରାନ୍ତ ହେଉଥିବା ସମୟରେ, ଅବ୍ରାମ ଓ ଲୋଟ ବହୁ ପରିମାଣର ପଶୁ ଦ୍ୱାରା ଆଶୀର୍ବାଦପ୍ରାପ୍ତ ହୋଇଥିଲେ ଓ ସେମାନଙ୍କର ପଶୁପାଳକମାନଙ୍କ ମଧ୍ୟରେ ପ୍ରାୟ କଳହ ହେଉଥିଲା । ସେଥିପାଇଁ, ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ପୃଥକ୍ ହେବା ପାଇଁ ନିଷ୍ପତ୍ତି ନେଲେ । ଲୋଟ ଯର୍ଦ୍ଦନ ଉପତ୍ୟକା ସ୍ଥିତ ସଦୋମ ଓ ଗମୋରାର ଉର୍ବର ସ୍ଥାନ ମନୋନୀତ କରିଥିଲେ ।

ସଦୋମ ଓ ଗମୋରାର ରାଜାମାନଙ୍କ ବିରୁଦ୍ଧରେ ପ୍ରାୟ ୫ ଜଣ ରାଜା ଆସି ଲୋଟ, ତାଙ୍କ ସ୍ତ୍ରୀ ଓ ତାଙ୍କର ସମସ୍ତ ସଂପତ୍ତିକୁ ଲୁଣ୍ଠନ କରି ନେଇଗଲେ । ଯେତେବେଳେ ଅବ୍ରାମ ଶୁଣିଲେ ଯେ ଲୋକଙ୍କୁ ମଧ୍ୟ ବନ୍ଦୀ କରି ନିଆଯାଇଛି, ସେତେବେଳେ ସେ ନିଜର ଦାସମାନଙ୍କ ମଧ୍ୟରୁ ୩୧୮ ଜଣ ସଶସ୍ତ୍ର ଲୋକଙ୍କୁ ନେଇ ଦାନ ପର୍ଯ୍ୟନ୍ତ ପଶ୍ଚାଦ୍ଧାବନ କଲେ । ଅବ୍ରାମ ଓ ତାଙ୍କର ସୈନ୍ୟମାନେ ରାତିରେ ଅତର୍କିତ ଆକ୍ରମଣ କରି ଦମ୍ମେଶକ ପର୍ଯ୍ୟନ୍ତ ସେମାନଙ୍କୁ ଗୋଡ଼େଇଲେ ଓ ଲୋଟଙ୍କ ସମେତ ସମସ୍ତ ଲୋକଙ୍କୁ ଓ ସମସ୍ତ ସଂପତ୍ତିକୁ ଫେରାଇ ଆଣିଲେ ।

ଫେରିବା ପଥରେ, ସାଲେମ୍‌ର ରାଜା ଓ ସର୍ବୋପରିସ୍ଥଙ୍କର ଯାଜକ ମଲ୍‌କୀଶେଦକ ଅବ୍ରାମଙ୍କ ନିକଟକୁ ରୋଟୀ ଓ ଜଳ ଆଣିଲେ ଓ ତାଙ୍କୁ ଆଶୀର୍ବାଦ କଲେ । ଅବ୍ରାମ ସମସ୍ତ ବିଷୟର ଦଶମାଂଶ ତାଙ୍କୁ ପ୍ରଦାନ କରିଥିଲେ (ଆଦି ୧୪:୧୬-୨୦) ।

## ଏହି ମଲ୍‌କୀଶେଦକ କିଏ ଥିଲେ ?

ମଲ୍‌କୀଶେଦକ ସାଲେମର ରାଜା ଓ ସର୍ବୋପରିସ୍ଥଙ୍କର ଯାଜକ ଥିଲେ । ଅବ୍ରାମ ନିଜ ସଂପତ୍ତି ଦଶମାଂଶ ତାଙ୍କୁ ଦାନ କରିଥିଲେ । ତାଙ୍କର ନାମକୁ ଧାର୍ମିକତାର ରାଜା ଓ ଏହାପରେ ସାଲେମ୍, ଅର୍ଥାତ୍ ଶାନ୍ତିର ରାଜା ଭାବରେ ମଧ୍ୟ ଅନୁବାଦ କରାଯାଇଛି । ତାଙ୍କର ପିତା, ମାତା କିମ୍ବା ବଂଶାବଳି ନ ଥିଲା କିମ୍ବା ତାଙ୍କ ଜୀବନର ଆଦି କିମ୍ବା ଅନ୍ତ ନ ଥିଲା । ତାଙ୍କୁ ଈଶ୍ୱରଙ୍କ ପୁତ୍ର ସଦୃଶ ଉଲ୍ଲେଖ କରାଯାଇଛି । ସେ ନିରବଚ୍ଛିନ୍ନ ଭାବରେ ଯାଜକ ହୋଇ ରହିଛନ୍ତି । ଏହପରି ଭାବେ ଈଶ୍ୱର ତାଙ୍କୁ ଧାର୍ମିକତାର ରାଜା ଓ ଶାନ୍ତିର ରାଜା ଭାବରେ ପ୍ରସ୍ତୁତ କରିଛନ୍ତି । ଆହୁରି ମଧ୍ୟ, ସେ ଈଶ୍ୱରଙ୍କ ଦ୍ୱାରା ମନୋନୀତ ଜଣେ ଶ୍ରେଷ୍ଠ ବ୍ୟକ୍ତି ଅବ୍ରହାମଙ୍କୁ ଆଶୀର୍ବାଦ କରିବା ପାଇଁ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଏକ ଅସ୍ତିତ୍ୱଧାରୀ ସତ୍ତା ଅଟନ୍ତି । ଯଦିଓ ଅନ୍ୟ ଦୁଇ ଜଣ, ଅର୍ଥାତ୍ ଦାଉଦ ଓ ଯୀଶୁ ଖ୍ରୀଷ୍ଟ ମଲ୍‌କୀଶେଦକଙ୍କ ଦ୍ୱାରା ଆଶୀର୍ବାଦ ପାଇଥିବା ଭଳି ମନେହୁଏ ନାହିଁ, ତଥାପି ସେମାନେ ରାଜା ଓ ଯାଜକ-ଉଭୟ କାର୍ଯ୍ୟ କରିଥିଲେ, ଯାହା ଏକ ଅସାଧାରଣ ଯୋଗ୍ୟତା ଅଟେ ।

## ରାଜାମାନେ ଓ ଯାଜକମାନେ

ଈଶ୍ୱରଙ୍କ ରାଜ୍ୟରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ଆମ ଈଶ୍ୱର ଓ ପିତାଙ୍କ ପାଇଁ ରାଜା ଓ ଯାଜକ କରିବେ (ପ୍ରକାଶିତ ୧:୬) । ଆମ ନିକଟରେ କେତେ ସୁନ୍ଦର ସୌଭାଗ୍ୟ ରହିବ ।

ରାଜା ଦାଉଦ ରାଜା ଓ ଯାଜକର ଦାୟିତ୍ୱ ସଂପନ୍ନ କରିଥିଲେ । ଜଣେ ରାଜା ଭାବରେ, ସେ ସଦାପ୍ରଭୁଙ୍କ ସିନ୍ଦୁକକୁ ଯିରୂଶାଲମକୁ ଆଣିଥିଲେ । ସେହି ସମୟରେ, ସେ ସିନ୍ଦୁକ ସମ୍ମୁଖରେ ନୃତ୍ୟ କରିଥିଲେ । ଯେତେବେଳେ ଯାଜକମାନେ ସିନ୍ଦୁକକୁ ସେମାନଙ୍କ ସ୍କନ୍ଧ ଉପରେ ବୋହି ବୋହି ଆଣୁଥିଲେ, ସେତେବେଳେ ଦାଉଦ ନିଜର ରାଜକୀୟ ବସ୍ତ୍ରଗୁଡ଼ିକୁ କାଢ଼ିଦେଇ ଏକ ସୂକ୍ଷ୍ମ ଏଫୋଦ ପିନ୍ଧିଥିଲେ ଓ ତଦ୍ୱାରା ସଦାପ୍ରଭୁଙ୍କ ସମ୍ମୁଖରେ ନିଜକୁ ନମ୍ର କରିଥିଲେ । ଏଫୋଦ ଯାଜକମାନଙ୍କର ଅଟେ । ଦାଉଦ ହୋମବଳି ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କରିଥିଲେ । ଏହାପରେ ସିନ୍ଦୁକକୁ ଦାଉଦଙ୍କ ଦ୍ୱାରା ନିର୍ମିତ ଯିରୂଶାଲମସ୍ଥିତ ଆବାସ ତମ୍ବୁ ଭିତରେ ରଖାଯାଇଥିଲା (୨ଶାମୁ ୬:୧୩-୧୫) । ଯଦିଓ ଦାଉଦ ଉଭୟ ରାଜା ଓ ଯାଜକର ଦାୟିତ୍ୱ ସଂପାଦନ କରିଥିଲେ, ତଥାପି ସେ ସର୍ବଦା ଯୁଦ୍ଧରେ ନିୟୋଜିତ ରହୁଥିବାରୁ ତାଙ୍କ ଦେଶ ଆଦୌ ଶାନ୍ତି ଉପଭୋଗ କରି ନ ଥିଲା । ପ୍ରକୃତରେ, ସଦାପ୍ରଭୁ ତାଙ୍କ ନିଜ ନିମନ୍ତେ ଏକ ମନ୍ଦିର ନିର୍ମାଣ କରିବା ପାଇଁ ଦାଉଦଙ୍କୁ ଅନୁମତି ଦେଇ ନ ଥିଲେ କାରଣ ସେ ଯୁଦ୍ଧରେ ଅନେକ ରକ୍ତପାତ କରିଥିଲେ ।

## ପ୍ରଭୁ ଯୀଶୁ ଖ୍ରୀଷ୍ଟ

ଯିଖରିୟ ୯:୯ରେ, ଆମେ ରାଜା ଭାବରେ ଯୀଶୁଙ୍କୁ ଦେଖୁ ଓ ଏବ୍ରୀ ୭:୧୬,୧୭ରେ, ଆମେ ଯୀଶୁଙ୍କୁ ମହାଯାଜକ ଭାବରେ ଦେଖୁ । ସହସ୍ର ବର୍ଷ ମଧ୍ୟରେ, ସେ ଉଭୟ ରାଜା ଓ ଯାଜକର କାର୍ଯ୍ୟ ସଂପାଦନ କରିବେ । ରାଜା ଦାଉଦ ଭାବବାଣୀ ପ୍ରକାଶ କରି କହିଥିଲେ, ‘‘ମଲ୍‌କୀଷେଦକଙ୍କ ରୀତି ଅନୁସାରେ ତୁମ୍ଭେ ଅନନ୍ତକାଳୀନ ଯାଜକ ଅଟ’’ (ଗୀତ ୧୧୦:୪) ।

## ନୂତନ ନିୟମର ସ୍ଥାପନା

ଯେତେବେଳେ ଅବ୍ରାମଙ୍କୁ ୯୯ ବର୍ଷ ବୟସ ହୋଇଥିଲା, ସେତେବେଳେ ସଦାପ୍ରଭୁ ତାଙ୍କୁ ଦର୍ଶନ ଦେଇ କହିଥିଲେ, ‘‘ଆମ୍ଭେ ସର୍ବଶକ୍ତିମାନ ପରମେଶ୍ୱର, ଆମ୍ଭ ଛାମୁରେ ଧର୍ମାଚରଣ କରି ତୁମ୍ଭେ ସିଦ୍ଧ ହୁଅ ।’’ ଏହା ପ୍ରକୃତରେ ଅବ୍ରାମଙ୍କ ପ୍ରତି ଏକ ସତର୍କ ବାଣୀ ଥିଲା, କାରଣ ତାଙ୍କର ପ୍ରତିଜ୍ଞାତ ପୁତ୍ରକୁ ଅପେକ୍ଷା କରୁଥିବା ସମୟରେ, ସେ ସମସ୍ତ ବିଷୟରେ ଈଶ୍ୱରଙ୍କର ବାଧ୍ୟ ହୋଇ ନ ଥିଲେ । ଅବ୍ରାମଙ୍କ ନିକଟରେ ନିମ୍ନଲିଖିତ ତ୍ରୁଟି ଥିଲା ଓ ସେଥିପାଇଁ ପ୍ରତିଜ୍ଞା ସଫଳ ହେବାରେ ବିଳମ୍ବ ଘଟିଥିଲା ।

(୧) ଯେତେବେଳେ କିଣାନ ଦେଶରେ ଦୁର୍ଭିକ୍ଷ ପଡ଼ିଲା, ସେତେବେଳେ ଅବ୍ରାମ ସାରୀ ଓ ଲୋଟଙ୍କୁ ନେଇ ମିସରକୁ ପଳାୟନ କରିଥିଲେ । ସେଠାରେ ସେ ତାଙ୍କୁ ଭାଇ ବୋଲି ସମ୍ବୋଧନ କରିବା ପାଇଁ ନିଜ ପତ୍ନୀ ସାରୀଙ୍କୁ କହିଥିଲେ କାରଣ ସେ ଅତି ସୁନ୍ଦରୀ ଥିବାରୁ, ମିଶରୀୟମାନେ ତାଙ୍କୁ ହରଣ କରିପାରନ୍ତି ବୋଲି ସେ ଭୟ କରୁଥିଲେ ।

ସାରୀଙ୍କୁ ଦେଖି ଫାରୋଙ୍କର ଅଧିପତିମାନେ ତାଙ୍କୁ ଫାରୋଙ୍କ ନିକଟକୁ ନେଇଗଲେ । ସେ କିଛିଦିନ ପାଇଁ ରାଜ ପ୍ରାସାଦରେ ଥିଲେ । ଫାରୋ ଅବ୍ରାମଙ୍କର ଉତ୍ତମ ଯତ୍ନ ନେଇଥିଲେ ଓ ତାଙ୍କୁ ପଶୁପଲ ଓ ଦାସଦାସୀ ପ୍ରଦାନ କରିଥିଲେ । ସଦାପ୍ରଭୁ ଫାରୋଙ୍କୁ ମହାମାରୀ ଦ୍ୱାରା ଆଘାତ କରିଥିଲେ । ଫାରୋ ନିଜର ପାପ ଉପଲବ୍ଧି କରି ଅବ୍ରାମ ଓ ତାଙ୍କ ଲୋକମାନଙ୍କୁ ବିତାଡ଼ିତ କରିଥିଲେ । ଏପରିକି,


## TAX EXEMPTION

Donations by any individual or organization from India to **Echo of His Call Educational Trust** are eligible for Income Tax exemption under Section 80G of the Income Tax Act. Official receipts will be issued for this purpose. Please make your Demand Drafts / Cheques / M.O. for such donations in favour of **Echo of His Call Educational Trust** and send to us.

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |

ସେ ସାରୀଙ୍କୁ ଫେରାଇ ଦେଇଥିଲେ । ଅବ୍ରାମ ମିସରକୁ ଯିବା ପୂର୍ବରୁ, ଈଶ୍ୱରଙ୍କର ପରାମର୍ଶ ନେଇ ନ ଥିଲେ ।

(୨) ଏହାପରେ ସଦାପ୍ରଭୁ ଅବ୍ରାମଙ୍କୁ ଦର୍ଶନ ଦେଇ କହିଥିଲେ ଯେ ସେ ତାଙ୍କୁ ଆଶୀର୍ବାଦ କରିବେ । ଏହାର ପ୍ରତ୍ୟୁତ୍ତରରେ ଅବ୍ରାମ କହିଥିଲେ ଯେ ସେ ତାଙ୍କୁ କୌଣସି ସନ୍ତାନ ଦେଇ ନାହାନ୍ତି ଓ ତାଙ୍କ ସମ୍ମୁଖରେ କେବଳ ତାଙ୍କର ଦାସ ଇଲୀୟାଶର ଅଛି । ପୁଣି ସଦାପ୍ରଭୁ କହିଥିଲେ, ସେ ତାଙ୍କର ଉତ୍ତରାଧିକାରୀ ହେବ ନାହିଁ ଓ ତାଙ୍କ ଶରୀରରୁ ଯେ ଜାତ ହେବ, ସେ ହିଁ ତାଙ୍କର ଉତ୍ତରାଧିକାରୀ ହେବ । ସଦାପ୍ରଭୁ ତାଙ୍କୁ ବାହାରକୁ ଆଣି ଆକାଶର ତାରାଗଣକୁ ଦେଖାଇ କହିଥିଲେ ଯେ ତାଙ୍କର ବଂଶଧରମାନେ ସେହିପରି ଅସଂଖ୍ୟ ହେବେ (ଆଦି ୧୫:୧–୫) । ଯେତେବେଳେ ଅବ୍ରାମ ୭୫ ବର୍ଷ ବୟସ୍କ ହୋଇଥିଷଲ, ସେତେବେଳେ ଏହି ପ୍ରତିଜ୍ଞା ଆସିଥିଲା ।

(୩) ପ୍ରତିଜ୍ଞାତ ପୁତ୍ର ଜାତ ନ ହେବାରୁ, ଅବ୍ରାମ ଓ ସାରୀ ଅଧୈର୍ଯ୍ୟ ହୋଇଥିଲେ । ସାରୀ ନିଜର ଦାସୀ ହାଗାରଙ୍କୁ ଅବ୍ରାମଙ୍କ ନିକଟକୁ ଆଣିଥିଲେ ଓ ଅବ୍ରାମ ପ୍ରତିରୋଧ କରି ନ ଥିଲେ । ସେ ତାଙ୍କ ସହିତ ସହବାସ କରିଥିଲେ ଓ ୮୬ ବର୍ଷ ବୟସରେ, ସେ ଇଶ୍ମାୟେଲ ନାମକ ଏକ ପୁତ୍ର ପ୍ରାପ୍ତ ହୋଇଥିଲେ ।

ଈଶ୍ୱର ସନ୍ତୁଷ୍ଟ ନ ଥିଲେ । ଅବ୍ରାମଙ୍କର ୯୯ ବର୍ଷ ବୟସ ପର୍ଯ୍ୟନ୍ତ, ସେ ତାଙ୍କ ସହିତ କଥା କହି ନ ଥିଲେ । ସେହି ସମୟରେ ଏକାଧିକ ପତ୍ନୀ ରଖିବା ପାପ ନ ଥିଲା । ମାତ୍ର ଏଠାରେ ଅବ୍ରାମ ମୁଖ୍ୟ ଚରିତ୍ର ଥିଲେ ଓ ଏକ ଉନ୍ନତ କାର୍ଯ୍ୟ ପାଇଁ ଈଶ୍ୱରଙ୍କ ଦ୍ୱାରା ମନୋନୀତ ହୋଇଥିଲେ ।

ସେଥିପାଇଁ ଈଶ୍ୱର ତାଙ୍କୁ ନିର୍ଦ୍ଦୋଷ ଦେଖିବାକୁ ଇଚ୍ଛା କରୁଥିଲେ । ସଦାପ୍ରଭୁ ତାଙ୍କ ସହିତ ଏକ ନିୟମ ସ୍ଥାପନ କରିଥିଲେ ଓ ତାଙ୍କଠାରୁ ଜାତ ସମସ୍ତ ପୁରୁଷ ସନ୍ତାନ ଓ ତାଙ୍କର ସମସ୍ତ ବଂଶଧର ସେମାନଙ୍କର ଜନ୍ମର ଅଷ୍ଟମ ଦିନରେ ସୁନ୍ନତ ହେବେ ବୋଲି ତାଙ୍କୁ ଆଦେଶ ଦେଇଥିଲେ । ଏହି ନିୟମ ଲୋକମାନଙ୍କ ଯନ୍ତ୍ରଣାରେ ସ୍ଥାପିତ ହୋଇଥିଲା । ନିୟମ ଅନୁସାରେ ସଦାପ୍ରଭୁ ତାଙ୍କୁ ବହୁଗୁଣିତ କରିବେ ବୋଲି ସ୍ଥିର କରିଥିଲେ । ସେ ଅବ୍ରାମ ନାମକୁ ଅବ୍ରହାମ ନାମରେ ପରିବର୍ତ୍ତିତ କରିଥିଲେ କାରଣ ସେ ଅନେକ ଜାତିର ପିତା ହେବାକୁ ଯାଉଥିଲେ । ସେହିପରି ସାରୀଙ୍କୁ ସାରା ବୋଲି ନାମିତ କରାଯାଇଥିଲା କାରଣ ସେ ମଧ୍ୟ ଜାତି ସମୂହର ମାତା ହେବାକୁ ଯାଉଥିଲେ ଓ ତାଙ୍କଠାରୁ ନାନାଦେଶୀୟ ରାଜା ଉତ୍ପନ୍ନ ହେବାକୁ ଯାଉଥିଲେ (ଆଦି ୧୭:୧–୧୬) । ସଦାପ୍ରଭୁ ଯେପରି ପ୍ରତିଜ୍ଞା କରିଥିଲେ, ସାରା ସେହିପରି ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ ଓ ତା'ର ନାମ ଇସ୍‌ହାକ୍ ରଖିଥିଲେ । ସେହି ସମୟରେ ଅବ୍ରହାମଙ୍କୁ ୧୦୦ ଓ ସାରାଙ୍କୁ ୯୦ ବର୍ଷ ବୟସ ହୋଇଥିଲା । ଈଶ୍ୱରଙ୍କ ପକ୍ଷରେ କୌଣସି ବିଷୟ ଅସାଧ୍ୟ ନୁହେଁ ।

## ସର୍ବଶ୍ରେଷ୍ଠ ପରୀକ୍ଷା

ବର୍ତ୍ତମାନ ଈଶ୍ୱର ଅବ୍ରହାମ୍‌ଙ୍କୁ ପରୀକ୍ଷା କରିବାକୁ ଇଚ୍ଛା କରିଥିଲେ ଓ ତାଙ୍କୁ କହିଥିଲେ, ''ତୁମ୍ଭେ ଏବେ ଆପଣା ପୁତ୍ରକୁ, ତୁମ୍ଭର ଅଦ୍ୱିତୀୟ ପୁତ୍ରକୁ, ଅର୍ଥାତ୍, ତୁମ୍ଭେ ଯାହାକୁ ସ୍ନେହ କର, ସେହି ଇସ୍‌ହାକକୁ ଘେନି ମୋରିଆ ଦେଶକୁ ଯାଅ, ପୁଣି ଆମ୍ଭେ ସେହି ଦେଶରେ ଯେଉଁ ପର୍ବତ କହିବା, ସେହି ପର୍ବତ ଉପରେ ତାହାକୁ ହୋମାର୍ଥେ ବଳିଦାନ କର'' (ଆଦି ୨୨:୨) । ଏହା ତାଙ୍କ ମସ୍ତକ ଉପରେ ଚଡ଼କ ଭଳି ପଡ଼ିଥିବ । ମାତ୍ର ଯିଏ ତାଙ୍କୁ ପୁତ୍ର ଦେଇଥିଲେ, ସେ ତାଙ୍କୁ କେବେହେଲେ ପରିତ୍ୟାଗ କରିବେ ନାହିଁ ବୋଲି ସେ ସୁନିଶ୍ଚିତ ଥିଲେ ।

ଅବ୍ରାହାମ ଅତି ପ୍ରତ୍ୟୁଷରେ ନିଜ ପୁତ୍ରଙ୍କୁ ବଳିରୂପେ ଉତ୍ସର୍ଗ କରିବା ପାଇଁ ତାଙ୍କ ସହିତ କିଛି ଜାଳେଣୀ କାଠ ଓ ଅଗ୍ନି ନେଇ ଯାତ୍ରାରମ୍ଭ କରିଥିଲେ । ପିତା ଓ ପୁତ୍ର ପର୍ବତ ଉପରେ ପହଞ୍ଚିବା ପରେ ଇସ୍‌ହାକ୍ ନିଜ ପିତାଙ୍କୁ ପଚାରିଲେ, ''ହୋମ ବଳି ପାଇଁ ମେଷଛୁଆ କାହିଁ ?'' ଅବ୍ରହାମ ଉତ୍ତର ଦେଇଥିଲେ, ''ମୋର ପୁତ୍ର, ଈଶ୍ୱର ଆପେ ହୋମ ପାଇଁ ମେଷଛୁଆ ଯୋଗାଇବେ ।''

ବେଦି ପ୍ରସ୍ତୁତ କରାଯାଇଥିଲା, ଅବ୍ରହାମ୍ ନିଜ ପୁତ୍ରକୁ ବାନ୍ଧି ବେଦି ଉପରେ ଶୁଆଇଥିଲେ । ଅବ୍ରହାମ ହାତରେ ଗୋଟିଏ ଛୁରୀ ଧରି ନିଜ ପୁତ୍ରକୁ ହତ୍ୟା କରିବା ପାଇଁ ଉଦ୍ୟତ ହେଉଥିବା ସମୟରେ, ସଦାପ୍ରଭୁ ତାଙ୍କୁ ଡାକି କହିଥିଲେ, ''ଅବ୍ରହାମ, ଅବ୍ରହାମ, ତୁମ୍ଭେ ସେହି ବାଳକର ପ୍ରତିକୂଳରେ ହସ୍ତ ବିସ୍ତାର କର ନାହିଁ ଓ ତାହା ପ୍ରତି କିଛି କର ନାହିଁ, କାରଣ ପରମେଶ୍ୱରଙ୍କ ପ୍ରତି ତୁମ୍ଭର ଭୟ ଅଛି, ଏହା ଏବେ ଆମ୍ଭେ ବୁଝିଲୁ, ଯେହେତୁ ତୁମ୍ଭେ ଆମ୍ଭଙ୍କୁ ଆପଣାର ପୁତ୍ର ଦେବାକୁ ହିଁ ଅସମ୍ମତ ନୋହିବ ।'' ବାଇବଲ କହେ, ଯେତେବେଳେ ଈଶ୍ୱର ତାଙ୍କୁ ତାଙ୍କ ପୁତ୍ରକୁ ମାଗିଥିଲେ, ସେତେବେଳେ ''ଈଶ୍ୱର ଯେ ମୃତମାନଙ୍କ ମଧ୍ୟରୁ ସୁଦ୍ଧା ଉତ୍‌ଥାପନ କରିବାକୁ ସମର୍ଥ, ଏହା ସେ ମନେ କରିଥିଲେ, ଆଉ ସେ ମଧ୍ୟ ତାଙ୍କୁ ଦୃଷ୍ଟାନ୍ତଭାବେ ମୃତ୍ୟୁରୁ ଫେରି ପାଇଲେ'' (ଏବ୍ରୀ ୧୧:୧୭–୧୯) । ''ଅବ୍ରହାମ ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲେ ଓ ଏହା ତାଙ୍କ ପକ୍ଷରେ ଧାର୍ମିକତା ବୋଲି ଗଣନା ହୋଇଥିଲା'' (ଗାଲାତୀୟ ୩:୬) । ପୁଣି ଈଶ୍ୱର ଅବ୍ରହାମଙ୍କୁ ସମସ୍ତ ବିଶ୍ୱାସୀମାନଙ୍କର ପିତା କରିଥିଲେ ।

ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଆଦମ ଅବାଧ୍ୟତା ଯୋଗୁ ବିଫଳ ହୋଇଥିଲେ । ନୋହଙ୍କ ସମୟର ଲୋକମାନେ ଓ ନୋହଙ୍କର ବଂଶଧରମାନେ ବିଫଳ ହୋଇଥିଲେ (ନୋହ ଧାର୍ମିକ ଥିଲେ) । ସେଥିପାଇଁ, ଈଶ୍ୱର ଯୁଗ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


# ନିହିମିଆ ବାଇବଲ

**ଆବାସିକ ମହାବିଦ୍ୟାଳୟ, ସାଂଧ୍ୟ କଲେଜ**

ଭେଲାଚେରୀ / ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ECHO OF HIS CALL 1969-2019 (ECHO GROUP)

**ମାଧ୍ୟମ - ହିନ୍ଦୀ / ତାମିଲ୍**

ATA Regd. Candidate for Membership NEHEMIAH BIBLE COLLEGE CHENNAI ECHO OF HIS CALL Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**

**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ** ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : **The Chairman, Nehemiah Bible College.**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.

Phone : (+91-44) 2852 8282, Cell : (+91) 98410 71852 / 95661 31858

E.mail : sam@echoofhiscall.org / Website : www.echoofhiscall.org

★ ONLINE CLASSES ARE AVAILABLE ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୨ ଫେବୃଆରୀ ୧୯ ରୁ ୨୦୨୨ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

| | |
|---|---|
| ଫେବୃୟାରୀ – ୧୯ | ମିଶନ ମନୋଯୋଗୀ ସଦସ୍ୟମାନଙ୍କ ଦ୍ୱାରା ମୁଖ୍ୟ ଉପାସନାଳୟକୁ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଫେବୃୟାରୀ – ୨୦ | ୧୯୬୯ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଉପରେ ପ୍ରଚୁର ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ । |
| ଫେବୃୟାରୀ – ୨୧ | ଆମର ବାଇବଲ କୋର ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ପାଇଁ ନୂତନ ଛାତ୍ରମାନଙ୍କୁ ଯୋଗାଇଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ । |
| ଫେବୃୟାରୀ – ୨୨ | ଆମର ଆହ୍ୱାନର ପ୍ରତିଧ୍ୱନି ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଫେବୃୟାରୀ – ୨୩ | ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଅଧକ୍ଷ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଫେବୃୟାରୀ – ୨୪ | ଆମର ପ୍ରାର୍ଥନା ସାଥୀ, ଆଜୀବନ ସଭ୍ୟ,ବିଶ୍ୱାସ ସାଥୀ ଓ ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଫେବୃୟାରୀ – ୨୫ | ଆମର କାର୍ଯ୍ୟକାରୀମାନଙ୍କ ଉପରେ ପ୍ରଭୁଙ୍କର ପ୍ରଚୁର ଆଶୀର୍ବାଦ ପାଇଁ ତାଙ୍କର ପ୍ରଶଂସା କରନ୍ତୁ । |
| ଫେବୃୟାରୀ – ୨୬ | ସମସ୍ତ ମଣ୍ଡଳୀର ପାଳକ ଓ ସଦସ୍ୟମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଫେବୃୟାରୀ – ୨୭ | ଆମର ଛାପାକଳରେ ୧୬ଟି ଭାଷାରେ ମୁଦ୍ରିତ ହେଉଥିବା ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ । |
| ଫେବୃୟାରୀ – ୨୮ | ପୂର୍ବ ମାସରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ମାର୍ଚ୍ଚ – ୧ | ଆମର ସୁସମାଚାର ଛାପାକଳ ଓ ଏହାର ଦକ୍ଷ କର୍ମଚାରୀମାନଙ୍କ ଦ୍ୱାରା ଏହାର ନିରବଚ୍ଛିନ୍ନ କାର୍ଯ୍ୟ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ମାର୍ଚ୍ଚ – ୨ | ଆମର ହିନ୍ଦୀ ଅନ୍‌ଲାଇନ ଥିଓଲୋଜିକାଲ୍ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ । |
| ମାର୍ଚ୍ଚ – ୩ | ଆମର ସଦାପ୍ରଭୁ ପରମେଶ୍ୱର ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ରକ୍ଷା କରିଥିବାରୁ ତାଙ୍କର ପ୍ରଶଂସା କରନ୍ତୁ । |

## ପ୍ରାର୍ଥନାର ବିଷୟ

| | |
|---|---|
| ମାର୍ଚ୍ଚ – ୪ | ସମସ୍ତ ଖ୍ରୀଷ୍ଟିଆନ ସଂଗଠନ ଉପରେ ଆଶୀର୍ବାଦ ଓ ସେଗୁଡ଼ିକର ସୁରକ୍ଷା ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୫ | ସମସ୍ତ ଦେଶ ମଧ୍ୟରେ ଏକତା ଓ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୬ | ଆମର କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୭ | ଭାରତର ଦୁର୍ଗମ ସ୍ଥାନଗୁଡ଼ିକରେ ସୁସମାଚାର ପ୍ରସାର କରିବାରେ ଆମକୁ ସାମର୍ଥ୍ୟ ଦେବା ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୮ | ଆମର ସାଥୀଗଣଙ୍କ ପାଇଁ ଓ ରାଜ୍ୟ ସଂଯୋଜକମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୯ | ଆମର ଇଂରାଜୀ ସହଯୋଗୀ ସଂପାଦକ, ଭାଇ ଏମ୍.ପଲ୍‌ରାଜଙ୍କ ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୧୦ | ଆମର ସମସ୍ତ ସେବକୀୟ କାର୍ଯ୍ୟକଳାପ ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୧୧ | ପୃଥିବୀର ସମସ୍ତ ନାରୀ ଓ ଶିଶୁମାନଙ୍କର ସୁରକ୍ଷା ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୧୨ | ଏହି ମାସରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୧୩ | ପୃଥିବୀରୁ କରୋନା ମହାମାରୀକୁ ସଂପୂର୍ଣ୍ଣ ଭାବରେ ଦୂର କରିବା ପାଇଁ ଈଶ୍ୱରଙ୍କର ଦୟାଭିକ୍ଷା କରନ୍ତୁ । |
| ମାର୍ଚ୍ଚ – ୧୪ | ଏହି ନୂତନ ବର୍ଷ ୨୦୨୨ରେ ପ୍ରଚୁର ଦୟା ବୃଷ୍ଟି ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୧୫ | ଆମ ଦେଶ ଓ ଏହାର ଅର୍ଥନୈତିକ ବିକାଶ ଉପରେ ଆଶୀର୍ବାଦ କରିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୧୬ | ପୃଥିବୀର ସମସ୍ତ ଲୋକଙ୍କର ସୁରକ୍ଷା ପାଇଁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୧୭ | ଓମିକ୍ରୋନ ଭୂତାଣୁରୁ ଆମ ପ୍ରତ୍ୟେକଙ୍କୁ ସୁରକ୍ଷା ଦେବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ । |
| ମାର୍ଚ୍ଚ – ୧୮ | ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ଦେବା ପାଇଁ ପ୍ରାର୍ଥନା କରନ୍ତୁ । |

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ପରେ ଯୁଗ ତାଙ୍କର ସେବା କରିବା ନିମନ୍ତେ କଲଦୀୟମାନଙ୍କ ମଧ୍ୟରୁ ଗୋଟିଏ ଧାର୍ମିକ ବଂଶକୁ ମନୋନୀତ କରିଥିଲେ (ଗୀତସଂହିତା ୨୨:୩୦) । ସେଥିପାଇଁ ଅବ୍ରହାମ୍‌ଙ୍କୁ ରାଜା ଦାଉଦ ଓ ଯୀଶୁ ଖ୍ରୀଷ୍ଟଙ୍କ ସହିତ ରଖାଯାଇଥିଲା । ଜଣେ ଉଚ୍ଚ ବ୍ୟକ୍ତି ।

## ରାଜା ଦାଉଦ

ଈଶ୍ୱର ଇସ୍ରାଏଲ ଲୋକମାନଙ୍କର ରାଜା ଓ ଶାମୁୟେଲ ଶେଷ ବିଚାରକର୍ତ୍ତା ଓ ଭାବବାଦୀ ଥିଲେ । ଇସ୍ରାଏଲର ଲୋକମାନେ ଶାମୁୟେଲଙ୍କ ନିକଟକୁ ଆସି ସେମାନଙ୍କର ନେତୃତ୍ୱ ନେବା ପାଇଁ ଓ ଅନ୍ୟ ଦେଶଗୁଡ଼ିକ ବିରୁଦ୍ଧରେ ସେମାନଙ୍କ ନିମନ୍ତେ ଯୁଦ୍ଧ କରିବା ପାଇଁ ଜଣେ ରାଜା ମାଗିଥିଲେ । ଶାମୁୟେଲ ଖୁସି ନ ଥିଲେ । ସଦାପ୍ରଭୁ ଶାମୁୟେଲଙ୍କୁ କହିଥିଲେ, ‘‘ଏହି ଲୋକମାନେ ତୁମ୍ଭକୁ ଯାହା ଯାହା କହନ୍ତି, ସେହି ସବୁ ରବରେ କର୍ଣ୍ଣପାତ କର, କାରଣ ସେମାନେ କେବଳ ତୁମ୍ଭକୁ ଅଗ୍ରାହ୍ୟ କରି ନାହାନ୍ତି, ମାତ୍ର ଆମ୍ଭେ ଯେପରି ସେମାନଙ୍କ ଉପରେ ରାଜା ନୋହିବା, ଏଥିପାଇଁ ସେମାନେ ଆମ୍ଭକୁ ଅଗ୍ରାହ୍ୟ କରିଅଛନ୍ତି’’ (୧ ଶାମୁୟେଲ ୮:୭) । ସେଥିପାଇଁ ବିନ୍ୟାମୀନ ବଂଶୀୟ କୀଶ୍‌ଙ୍କର ପୁତ୍ର ଶାଉଲଙ୍କୁ ଇସ୍ରାଏଲର ରାଜା ଭାବରେ ମନୋନୀତ କରାଯାଇଥିଲା ।

ସଦାପ୍ରଭୁ ଶାମୁୟେଲଙ୍କୁ ଆଜ୍ଞା ଦେଇ ଅମାଲେକୀୟମାନଙ୍କୁ ଦଣ୍ଡ ଦେବା ପାଇଁ ଶାଉଲଙ୍କୁ କହିଥିଲେ । କାରଣ ଏହି ଲୋକମାନେ ମିଶର ଦେଶରୁ କିଣାନକୁ ଯାଉଥିବା ଇସ୍ରାଏଲୀୟମାନଙ୍କୁ ବାଟ ଛାଡ଼ି ନ ଥିଲେ । ସେମାନଙ୍କର ଯାହା କିଛି ଥିଲା, ସେଗୁଡ଼ିକୁ ସମୂଳେ ନଷ୍ଟ କରିବା ପାଇଁ ଈଶ୍ୱର ଶାଉଲଙ୍କୁ କହିଥିଲେ । ଶାଉଲ ଓ ତାଙ୍କର ସୈନ୍ୟବାହିନୀ ଅମାଲେକୀୟମାନଙ୍କୁ ଆକ୍ରମଣ କରି ସେମାନଙ୍କ ରାଜା ଅଗାଗ୍‌ଙ୍କୁ ଜୀବନ୍ତ ଧରିଥିଲେ ଓ ସମସ୍ତ ଲୋକଙ୍କୁ ସଂପୂର୍ଣ୍ଣ ଭାବରେ ବିନଷ୍ଟ କରିଥିଲେ । ସେମାନେ ଅଗାଗ୍‌ଙ୍କୁ ଓ ନିଖୁନ୍ତ ମେଷ, ବଳଦ ଓ ମୋଟା ମୋଟା ପଶୁମାନଙ୍କୁ, ମେଷଶାବକମାନଙ୍କୁ ଓ ସମସ୍ତ ଉତ୍ତମ ଦ୍ରବ୍ୟକୁ ବିନଷ୍ଟ କରି ନ ଥିଲେ । ସେମାନେ ଘୃଣ୍ୟ ଓ ଅଯୋଗ୍ୟମାନଙ୍କୁ ବିନଷ୍ଟ କରିଥିଲେ ।

ସଦାପ୍ରଭୁଙ୍କ ବାକ୍ୟ ଶାମୁୟେଲଙ୍କ ନିକଟରେ ଉପସ୍ଥିତ ହେଲା ଓ ସଦାପ୍ରଭୁ କହିଥିଲେ, ‘‘ଆମ୍ଭେ ଯେ ଶାଉଲଙ୍କୁ ରାଜା କଲୁ, ଏଥିପାଇଁ ଆମ୍ଭେ ଦୁଃଖିତ କାରଣ ସେ ଆମ୍ଭଠାରୁ ବିମୁଖ ହୋଇଅଛି ଓ ଆମର ବାକ୍ୟ ସଫଳ କରି ନାହିଁ । ଏଥିରେ ଶାମୁୟେଲ କ୍ରୁଦ୍ଧ ହେଲେ, ତଥାପି ସମସ୍ତ ରାତ୍ରି ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କଲେ (୧ ଶାମୁୟେଲ ୧୫:୧୧) । ଯେତେବେଳେ ଶାଉଲ ଶାମୁୟେଲଙ୍କୁ ଦେଖା କଲେ, ସେତେବେଳେ ସେ ଯେ ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିଛନ୍ତି ଏହା ଶାମୁୟେଲଙ୍କୁ ଜଣାଇଥିଲେ । ଏହାପରେ ଶାମୁୟେଲ କହିଥିଲେ, ‘‘ତେବେ ମୋ’ କର୍ଣ୍ଣରେ ଯେ ମେଷରବ ହେଉଛି ଓ ମୁଁ ଯେ ଗୋରୁ-ରବ ଶୁଣୁଛି, ଏଥିର ଅର୍ଥ କ’ଣ ?’’ (୧ ଶାମୁ ୧୫:୧୪) । ଶାଉଲ ପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିବା ପାଇଁ ସେଗୁଡ଼ିକୁ ଆଣିଛନ୍ତି ବୋଲି ତାଙ୍କୁ କହିଥିଲେ । ମାତ୍ର ଶାମୁୟେଲ କହିଥିଲେ, ‘‘ଯେପରି ସଦାପ୍ରଭୁଙ୍କ ରବ ଶୁଣିବାରେ, ସେପରି କି ହୋମ ଓ ବଳିଦାନରେ ସଦାପ୍ରଭୁଙ୍କର ସନ୍ତୋଷ ହୁଏ ? ଦେଖ, ଶୁଣିବା ବଳିଦାନ ଠାରୁ ଓ ମନୋଯୋଗୀ ହେବା ମେଷମେଦଠାରୁ ଉତ୍ତମ । ଯେହେତୁ ବିଦ୍ରୋହ ମନ୍ତ୍ରପାଠ ପାପ ତୁଲ୍ୟ ଓ ଅବାଧ୍ୟତା ଅବସ୍ତୁର ଓ ଠାକୁରମାନର ପୂଜା ତୁଲ୍ୟ । ତୁମ୍ଭେ ସଦାପ୍ରଭୁଙ୍କ ବାକ୍ୟ ତୁଚ୍ଛ କରିଅଛ, ଏଥିପାଇଁ ସେ ମଧ୍ୟ ତୁମ୍ଭକୁ ରାଜା ହୋଇଥିବା ପାଇଁ ତୁଚ୍ଛ କରିଅଛନ୍ତି (୧ ଶାମୁୟେଲ ୧୫:୨୨-୨୩) ।

## ଦାଉଦ ଅଭିଷିକ୍ତ ରାଜା

ଶାମୁୟେଲ ଶାଉଲଙ୍କ ପାଇଁ ଶୋକ କରୁଥିଲେ । ସଦାପ୍ରଭୁ ଶାମୁୟେଲଙ୍କୁ ପଚାରିଲେ, ‘‘ତୁମ୍ଭେ କେତେକାଳ ଶାଉଲ ପାଇଁ ଶୋକ କରିବ ? ଗୋଟିଏ ଶୃଙ୍ଗରେ ତୈଳ ପରିପୂର୍ଣ୍ଣ କର ଓ ବୈଥଲିହିମୀୟ ଯିଶୀ ନିକଟକୁ ଯାଇ ତା’ର ପୁତ୍ରମାନଙ୍କ ମଧ୍ୟରୁ ଜଣଙ୍କୁ ଅଭିଷିକ୍ତ କର । ଶାମୁୟେଲ ବୈଥେଲିହିମକୁ ଯାଇ ମନୋନୀତ କରିବା ପ୍ରକ୍ରିୟା ଆରମ୍ଭ କରିଥିଲେ । ଯିଶୀଙ୍କର ଆଠ ପୁତ୍ର ଥିଲେ ଓ ଦାଉଦ କନିଷ୍ଠ ପୁତ୍ର ଥିଲେ । ସେ ନିଜ ପିତାଙ୍କର ପଶୁପଲ ଚରାଇବା ପାଇଁ କ୍ଷେତକୁ ଯାଇଥିଲେ । ଶାମୁୟେଲ ପ୍ରଥମ ପୁତ୍ର ଇଲୀୟାବଙ୍କ ଦ୍ୱାରା ଆକର୍ଷିତ ହେଲେ । ମାତ୍ର ସଦାପ୍ରଭୁ କହିଲେ, ‘‘ଏହାର ରୂପ କି ଶରୀରର ଉଚ୍ଚତା ପ୍ରତି ଦୃଷ୍ଟି ନ କର, ଯେହେତୁ ଆମ୍ଭେ ଏହାକୁ ଅଗ୍ରାହ୍ୟ କଲୁ, ପୁଣି ମନୁଷ୍ୟ ଯେପରି ଦେଖେ, ସଦାପ୍ରଭୁ ସେପରି ଦେଖନ୍ତି ନାହିଁ, କାରଣ ମନୁଷ୍ୟ ବାହ୍ୟରୂପ ଦେଖେ, ମାତ୍ର ସଦାପ୍ରଭୁ ଅନ୍ତଃକରଣ ଦେଖନ୍ତି’’ (୧ ଶାମୁୟେଲ ୧୬:୭) । ସାତ ଜଣ ପୁତ୍ରଙ୍କୁ ଅଣାଗଲଶ, ମାତ୍ର କେହି ମନୋନୀତ ହେଲେ ନାହିଁ । ଏହାପରେ ଦାଉଦଙ୍କୁ କ୍ଷେତରୁ ଡକାଇ ଅଣାଗଲା, ‘‘ସେ ଈଷତ୍ ରକ୍ତବର୍ଣ୍ଣ ଓ ସୁନୟନ ଓ ଦେଖିବାକୁ ସୁନ୍ଦର । ସେତେବେଳେ ସଦାପ୍ରଭୁ କହିଲେ, ଉଠ, ଏହାକୁ ଅଭିଷେକ କର, ଏ ସେହି ଲୋକ ।’’ ଶାମୁୟେଲ ତୈଳ ଶୃଙ୍ଗ ନେଇ ତାଙ୍କ ଭ୍ରାତୃଗଣ ମଧ୍ୟରେ ତାଙ୍କୁ ଅଭିଷେକ କଲେ, ସେହି ଦିନାବଧି ସଦାପ୍ରଭୁଙ୍କର ଆତ୍ମା ଦାଉଦଙ୍କୁ ଆକ୍ରାନ୍ତ କଲେ । ଯଦିଓ ଦାଉଦ ଇସ୍ରାଏଲର ଅଭିଷିକ୍ତ ରାଜା ଥିଲେ, ତଥାପି ଶାଉଲ ରାଜା ଭାବରେ କାର୍ଯ୍ୟ କରିବା ଅବ୍ୟାହତ ରଖିଥିଲେ ।

## ଦାଉଦ ଗଲିୟାତ୍‌କୁ ହତ୍ୟା କରିଛନ୍ତି

ସେହି ଦିନ ଗୁଡ଼ିକରେ ପଲେଷ୍ଟିୟମାନେ ଇସ୍ରାଏଲ ବିରୁଦ୍ଧରେ ଆସି ସୋଖୋ ଓ ଅସେକା ମଧ୍ୟରେ ଛାଉଣି ସ୍ଥାପନ କରିଥିଲେ । ଇସ୍ରାଏଲର ଲୋକମାନେ ଏଲା ତଳ ଭୂମିରେ ଛାଉଣି ସ୍ଥାପନ କରିଥିଲେ । ଉଭୟ ପକ୍ଷ ପରସ୍ପରର ସମ୍ମୁଖୀନ ହେବା ସମୟରେ, ଗଲିୟାତ୍ ନାମକ ଜଣେ ବୀର ପଲେଷ୍ଟୀୟମାନଙ୍କ ଶିବିରରୁ ବାହାରି ତା’ ସହିତ ଯୁଦ୍ଧ କରିବା ପାଇଁ ଇସ୍ରାଏଲୀୟମାନଙ୍କ ମଧ୍ୟରୁ ଜଣଙ୍କୁ ଆହ୍ୱାନ ଜଣାଇଲା । ତା’ର ଉଚ୍ଚତା ୯ ଫୁଟ ୭୫ ଇଞ୍ଚ୍ ଥିଲା ଓ ସେ ସେମାନଙ୍କ ଛାଉଣିରୁ ବାହାରି ୪୦ ଦିନ ପର୍ଯ୍ୟନ୍ତ ସକାଳ ଓ ସନ୍ଧ୍ୟାରେ ସେହିପରି ଆହ୍ୱାନ ଜଣାଇବାରେ ଲାଗିଥିଲା ।

ଇସ୍ରାଏଲର ଲୋକମାନେ ସେମାନଙ୍କ ମଧ୍ୟରୁ କାହାକୁ ସେହି ପଲେଷ୍ଟିୟର ସମ୍ମୁଖୀନ ହେବା ପାଇଁ ଠିଆ କରାଇ ପାରିଲେ ନାହିଁ ଓ ସମସ୍ତେ ଭୟଗ୍ରସ୍ତ ଥିଲେ । ଯିଶୀଙ୍କର ତିନି ଜଣ ପୁତ୍ର ଇସ୍ରାଏଲର ଛାଉଣି ମଧ୍ୟରେ ଥିଲେ । ଦାଉଦ ନିଜ ପିତାଙ୍କ ଦ୍ୱାରା ପ୍ରେରିତ ଖାଦ୍ୟ ଦ୍ରବ୍ୟ ସେମାନଙ୍କ ନିକଟରେ ପହଞ୍ଚାଇ ଦେଉଥିଲେ । ସେହି ପଲେଷ୍ଟିୟ ସଦାପ୍ରଭୁଙ୍କୁ ଆହ୍ୱାନ କରି ତାଙ୍କ ନାମକୁ ଅବଜ୍ଞା କରୁଥିବାର ଦେଖିଲେ । ଯେ କେହି ସେହି ପଲେଷ୍ଟିୟ ସହିତ ଯୁଦ୍ଧ କରି ତାକୁ ପରାସ୍ତ କରିପାରିଲେ, ଶାଉଲ ନିଜର କନ୍ୟା ଓ ଧନରତ୍ନ ତାକୁ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ (୧ ଶାମୁୟେଲ ୧୭:୨୬) ।

ଦାଉଦ ସେହି ପଲେଷ୍ଟିୟର ଆହ୍ୱାନ ବିଷୟରେ କଥାବାର୍ତ୍ତା କରୁଥିବାର ଶୁଣି ତାଙ୍କର ଭାଇମାନେ ତାଙ୍କୁ ଭର୍ତ୍ସନା କରିଥିଲେ । ମାତ୍ର ଦାଉଦ ସେଥିରୁ ନିବୃତ୍ତ ହୋଇ ନ ଥିଲେ । ଦାଉଦ ଶାଉଲଙ୍କୁ କହିଥିଲେ, ‘‘ତାହାର ସକାଶୁ କାହାରି ହୃଦୟ ନିରାଶ ନ ହେଉ, ଆପଣଙ୍କ ଦାସ ଯାଇ ସେହି ପଲେଷ୍ଟିୟ ସଙ୍ଗେ ଯୁଦ୍ଧ କରିବ’’ (୧ ଶାମୁ ୧୭:୩୨) । ସେ ଆହୁରି ମଧ୍ୟ କହିଥିଲେ, ‘‘ଆପଣଙ୍କ ଦାସ ସିଂହ ଓ ଭାଲୁ ଉଭୟ ବଧ କରିଅଛି, ପୁଣି ଏହି ଅସୁନ୍ନତ ପଲେଷ୍ଟୀୟ ସେମାନଙ୍କ ଗୋଟିଏ ପରି ହେବ, କାରଣ ସେ ଜୀବତ୍ ପରମେଶ୍ୱରଙ୍କ ସୈନ୍ୟ ଶ୍ରେଣୀକୁ ତୁଚ୍ଛ କରିଅଛି’’ (୧ ଶାମୁ ୧୭:୩୬) ।

ଶାଉଲ ନିଜର ଯୁଦ୍ଧ ସଜ୍ଜା ଦାଉଦଙ୍କୁ ପିନ୍ଧାଇଥିଲେ । ମାତ୍ର ଏହି ସବୁ ପିନ୍ଧିବାର ଅଭ୍ୟାସ ନ ଥିବାରୁ, ଦାଉଦ ସେଗୁଡ଼ିକୁ ବାହାର କରି ଦେଲେ ଓ ନଦୀ ନିକଟକୁ ଯାଇ ସେଠାରୁ ପାଞ୍ଚଟି ଚିକ୍କଣ ପଥର ସଂଗ୍ରହ କଲେ । ସେଗୁଡ଼ିକୁ ନିଜର ମୁଣି ଭିତରେ ରଖିଲେ ଓ ନିଜର ଛାଟିଣୀ ନେଇ ପଲେଷ୍ଟିୟ ଗଲିୟାତ୍ ନିକଟକୁ ଗଲେ । ଗଲିୟାତ୍ ଦାଉଦଙ୍କର ଶରୀରର ଆକାର ଓ କମ୍ ଉଚ୍ଚତା ଯୋଗୁ ତାଙ୍କୁ ପରିହାସ କରିଥିଲା । ଗଲିୟାତ୍ ନିଜ

ଦେବତା ମାନଙ୍କର ନାମ ନେଇ ଦାଉଦଙ୍କୁ ଅଭିଶାପ ଦେଇଥିଲା । ସେ କହିଥିଲା ଯେ ସେ ଆକାଶର ପକ୍ଷୀମାନଙ୍କୁ ଓ କ୍ଷେତର ପଶୁମାନଙ୍କୁ ତାଙ୍କର ମାଂସ ପ୍ରଦାନ କରିବ । ଦାଉଦ କହିଥିଲେ : ''ତୁମ୍ଭେ (ଗଲିୟାତ) ନିଜର ଖଡ୍‌ଗ, ବର୍ଚ୍ଛା ଓ ଶଲ୍ୟ ଘେନି ଆସିଅଛି । ମାତ୍ର ମୁଁ ଇସ୍ରାଏଲର ସୈନ୍ୟ ଶ୍ରେଣୀର ପରମେଶ୍ୱର ସୈନ୍ୟାଧିପତି ସଦାପ୍ରଭୁଙ୍କ ନାମରେ ଆସିଅଛି । ଆଜି ଦିନ ସଦାପ୍ରଭୁ ତୁମ୍ଭକୁ ମୋ' ହସ୍ତରେ ସମର୍ପି ଦେବେ, ଏଣୁ ମୁଁ ତୁମ୍ଭକୁ ଆଘାତ କରି ତୁମ୍ଭଠାରୁ ତୁମ୍ଭ ମସ୍ତକ ଅଲଗା କରିବି ... କାରଣ ଏହି ଯୁଦ୍ଧ ସଦାପ୍ରଭୁଙ୍କର ଓ ସେ ତୁମ୍ଭମାନଙ୍କୁ ଆମ୍ଭମାନଙ୍କ ହସ୍ତରେ ସମର୍ପଣ କରିବେ'' (୧ ଶାମୁୟେଲ ୧୭:୪୫-୪୭) ।

ଦାଉଦ ଗୋଟିଏ ପଥର ନେଇ ଛାଟିଣୀ ଦ୍ୱାରା ପଲେଷ୍ଟିୟର କପାଳକୁ ଆଘାତ କଲେ । ସେହି ପଥର ତା'ର କପାଳ ଭିତରେ ପଶି ଯିବାରୁ, ସେ ମୁହଁ ମାଡ଼ି ତଳେ ପଡ଼ିଗଲା । ଦାଉଦ ଦୌଡ଼ିଯାଇ ପଲେଷ୍ଟୀୟ ଉପରେ ଠିଆ ହୋଇ ତା'ର ନିଜର ଖଡ୍ଗ ଦ୍ୱାରା ତା'ର ମସ୍ତକ ଛେଦନ କରିଥିଲେ । ପଲେଷ୍ଟୀୟମାନେ ସେମାନଙ୍କ ଯୋଦ୍ଧାକୁ ମୃତ ବୋଲି ଦେଖି ଭୟରେ ପଳାୟନ କଲେ । ଯିହୁଦା ଓ ଇସ୍ରାଏଲର ଲୋକମାନେ ପଲେଷ୍ଟୀୟମାନଙ୍କ ପଛେ ପଛେ ଗୋଡ଼ାଇଲେ । ଦାଉଦ ଗଲିୟାତ୍ ମୁଣ୍ଡ ନେଇ ଯିରୂଶାଲମକୁ ଆସିଲେ ।

ଏହା ଥିଲା ଇସ୍ରାଏଲ ପାଇଁ ବିଜୟ ଓ ଆନନ୍ଦର ଦିବସ । ସ୍ତ୍ରୀମାନେ ଇସ୍ରାଏଲର ନଗର ଗୁଡ଼ିକରୁ ଗୀତ ଗାଇ ଓ ନୃତ୍ୟ କରି ବାହାରି ଆସିଲେ । ସେମାନେ କହିଲେ, ''ଶାଉଲ ବଧ କଲେ ସହସ୍ର ସହସ୍ର ଓ ଦାଉଦ ବଧ କଲେ ଅୟୁତ ଅୟୁତ ।''

ଶାଉଲ ଏହା ଶୁଣି ଈର୍ଷା ଯୋଗୁ ଅସନ୍ତୁଷ୍ଟ ହେଲେ । ସେ ଯେତେ ଶୀଘ୍ର ସମ୍ଭବ, ସେତେ ଶୀଘ୍ର ଦାଉଦଙ୍କଠାରୁ ମୁକ୍ତ ହେବା ପାଇଁ ସ୍ଥିର କଲେ । ସେହି ଦିନଠାରୁ ଦାଉଦଙ୍କୁ ଅଧିକ ପ୍ରଶଂସା ମିଳିଲା ଓ ଶାଉଲ ଏହାକୁ ସହ୍ୟ କରି ପାରୁ ନ ଥିଲେ । ଦାଉଦ ନିଜର ଅଳ୍ପ କେତେକ ଲୋକଙ୍କୁ ନେଇ ପଳାୟନ କଲେ ଓ ପର୍ବତ ଓ ଗୁମ୍ଫା ଗୁଡ଼ିକରେ ନିଜକୁ ଲୁଚାଇଲେ । ଦୁଇଥର, ଦାଉଦ ଶାଉଲଙ୍କର ଏତେ ନିକଟରେ ଥିଲେ ଯେ ସେ ତାଙ୍କୁ ହତ୍ୟା କରିପାରି ଥା'ନ୍ତେ । ମାତ୍ର ଦାଉଦ ଶାଉଲଙ୍କର କୌଣସି କ୍ଷତି କରି ନ ଥିଲେ । ସେ ନିଜର ଲୋକମାନଙ୍କୁ କହିଥିଲେ, ''ମୁଁ ଯେ ସଦାପ୍ରଭୁଙ୍କ ଅଭିଷିକ୍ତ ମୋର ପ୍ରଭୁଙ୍କ ପ୍ରତିକୂଳରେ ହାତ ଉଠାଇବି, ସଦାପ୍ରଭୁ ଏହା କରିବାକୁ ମୋତେ ନ ଦିଅନ୍ତୁ, କାରଣ ସେ ସଦାପ୍ରଭୁଙ୍କ ଅଭିଷିକ୍ତ'' (୧ ଶାମୁୟେଲ ୨୪:୬) ।

ଏହାପରେ, ଦାଉଦ ଦୁର୍ଗମ ସ୍ଥାନକୁ ଚାଲିଗଲେ, ଶାଉଲଙ୍କ ଲୋକମାନେ ତାଙ୍କର ଅନୁଧାବନ କଲେ । ପୁନର୍ବାର ଦାଉଦ ଶାଉଲଙ୍କ ଅତି ନିକଟରେ ଥିଲେ । ମାତ୍ର ସଦାପ୍ରଭୁଙ୍କ ଅଭିଷିକ୍ତ ବ୍ୟକ୍ତିର କୌଣସି କ୍ଷତି ନ କରିବା ପାଇଁ ଦାଉଦ ନିଜର ଲୋକମାନଙ୍କୁ କହିଥିଲେ । ଏହି ସମୟରେ ଶାମୁୟେଲଙ୍କର ମୃତ୍ୟୁ ହେଲା ଓ ତାଙ୍କୁ ରାମାସ୍ଥିତ ତାଙ୍କ ଗୃହରେ ସମାଧି ଦିଆଗଲା ।

ଶାଉଲଙ୍କ ପାଇଁ ମନ୍ଦ ଦିନ ଆରମ୍ଭ ହୋଇଥିଲା କାରଣ ପଲେଷ୍ଟିୟମାନେ ଶୂନେମ୍‌ଠାରେ ତାଙ୍କ ବିରୁଦ୍ଧରେ ଆସିଥିଲେ । ଶାଉଲ ତାଙ୍କର ଭବିଷ୍ୟତ୍ ଜାଣିବା ପାଇଁ ଇଚ୍ଛା କରିଥିଲେ ଓ ଜଣେ ଭୂତୁଡିୟା ସ୍ତ୍ରୀ ନିକଟକୁ ଯାଇଥିଲେ । ମାତ୍ର ସେ ମନ୍ଦ ସମ୍ବାଦ ସହିତ ଫେରି ଆସିଥିଲେ । ଯୁଦ୍ଧ ଆରମ୍ଭ ହୋଇଥିଲା ଓ ଯୁଦ୍ଧରେ ଶାଉଲ ଓ ତାଙ୍କ ପୁତ୍ରମାନେ ନିହତ ହୋଇଥିଲେ । ସେହି ସମୟରେ, ଦାଉଦ ସିକ୍ଳଗରେ ଥିଲେ ।

ଏହାପରେ ଦାଉଦ ସଦାପ୍ରଭୁଙ୍କୁ ପଚାରିଲେ, ''ମୁଁ ଯିହୁଦାର କୌଣସି ନଗରକୁ ଯାଇ ପାରିବି କି ?'' ସଦାପ୍ରଭୁ ହିବ୍ରୋଣକୁ ଯିବା ପାଇଁ ତାଙ୍କୁ କହିଥିଲେ । ହିବ୍ରୋଣରେ ଯିହୁଦାର ଲୋକମାନେ ଏକତ୍ରିତ ହୋଇ ଯିହୁଦା ବଂଶ ଉପରେ ତାଙ୍କୁ ରାଜାଭିଷିକ୍ତ କରିଥିଲେ । ସେହି ସମୟରେ ଦାଉଦ ୩୦ ବର୍ଷ ବୟସ୍କ ଥିଲେ । ଅନେକ ଦିନ ପରେ, ଇସ୍ରାଏଲ ବଂଶ ମଧ୍ୟ ଦାଉଦଙ୍କୁ ସାକ୍ଷାତ୍ କରି ତାଙ୍କ ସହିତ ଏକ ଚୁକ୍ତି କରିଥିଲେ । ସେମାନେ ସମଗ୍ର ଇସ୍ରାଏଲର ରାଜା ଭାବରେ ଦାଉଦଙ୍କୁ ଗ୍ରହଣ କରିଥିଲେ । ଦାଉଦ ୪୦ ବର୍ଷ ଧରି ଇସ୍ରାଏଲ ଉପରେ ରାଜତ୍ୱ କରିଥିଲେ । ଦାଉଦ ଓ ତାଙ୍କର ଲୋକମାନେ ଯିରୂଶାଲମ ଅଧିକାର କରି ଏହାକୁ ସମଗ୍ର ଇସ୍ରାଏଲର ରାଜଧାନୀ କରିଥିଲେ ।

ପ୍ରକୃତରେ ଦାଉଦ ଇସ୍ରାଏଲର ରାଜା ହେବା ପାଇଁ ପ୍ରଭୁଙ୍କ ସ୍ୱାଭାବିକ ପସନ୍ଦର ବ୍ୟକ୍ତି ଥିଲେ । ସଦାପ୍ରଭୁ ଇସ୍ରାଏଲୀୟମାନଙ୍କର ଜିଦ୍ ଯୋଗୁ ଶାଉଲଙ୍କୁ ମନୋନୀତ କରିବା ପାଇଁ ଇସ୍ରାଏଲକୁ ଅନୁମତି ଦେଇଥିଲେ । ଏହା ଈଶ୍ୱରଙ୍କର ଇଚ୍ଛା ନ ଥିଲା ।

## ରାଜା ଦାଉଦଙ୍କର ଉତ୍ତମ ଗୁଣସବୁ

(୧) ଦାଉଦ ସମସ୍ତ ବିଷୟରେ ପ୍ରଭୁଙ୍କୁ ପ୍ରଶଂସା କରୁଥିଲେ । ସେ ଈଶ୍ୱରଙ୍କର ଗୌରବ ପାଇଁ ୭୩ରୁ ଅଧିକ ଗୀତସଂହିତା ରଚନା କରିଥିଲେ ।

(୨) ଏପରିକି ଯେତେବେଳେ ତାଙ୍କୁ ପଲେଷ୍ଟିୟମାନଙ୍କ ଦେଶରେ ରହିବା ପାଇଁ ଅବିମେଲକ ଅନୁମତି ଦେଇ ନ ଥିଲେ, ସେତେବେଳେ ମଧ୍ୟ ଦାଉଦ ସଦାପ୍ରଭୁଙ୍କର ପ୍ରଶଂସା କରି କହିଥିଲେ, ''ମୁଁ ସର୍ବଦା ସଦାପ୍ରଭୁଙ୍କର ଧନ୍ୟବାଦ କରିବି, ମୋ' ମୁଖରେ ନିରନ୍ତ ତାହାଙ୍କର ପ୍ରଶଂସା ହେବ'' (ଗୀତ ୩୪:୧) ।

(୩) ପ୍ରଭୁ ତାଙ୍କୁ ରାଜା କରିଥିବାରୁ, ସେ ତାଙ୍କ ପ୍ରତି କୃତଜ୍ଞ ଥିଲେ । ''ସେ ଆପଣା ଲୋକ ଯାକୁବକୁ ଓ ଆପଣା ଅଧିକାର ଇସ୍ରାଏଲକୁ ପ୍ରତିପାଳନ କରିବା ନିମନ୍ତେ ସ୍ତନ୍ୟଦାୟିନୀ ମେଷୀଗଣଣ ପଛରୁ ତାଙ୍କୁ ଆଣିଲେ । ତହିଁରେ ସେ ଆପଣା ଅନ୍ତଃକରଣର ସରଳତାନୁସାରେ ସେମାନଙ୍କୁ ପ୍ରତିପାଳନ କଲେ ଓ ଆପଣା ହସ୍ତର ନିପୁଣତାରେ ସେମାନଙ୍କୁ ଚଳାଇଲେ'' (ଗୀତ ୭୮:୭୧,୭୨) ।

(୪) ସଦାପ୍ରଭୁ କହିଥିଲେ ଯେ ''ଦାଉଦ ଆମ୍ଭର ମନର ମତ ବ୍ୟକ୍ତି, ସେ ସମସ୍ତ ବିଷୟରେ ଆମ୍ଭର ଇଚ୍ଛା ପାଳନ କରିବ'' (ପ୍ରେରିତ ୧୩:୨୨) ।

(୫) ଦାଉଦ ପ୍ରାୟ ସମସ୍ତ ପଡ଼ୋଶୀ ଦେଶକୁ ପରାସ୍ତ କରି ସେମାନଙ୍କଠାରୁ କର ଆଦାୟ କରୁଥିଲେ । ଯୁଦ୍ଧକୁ ଯିବା ପୂର୍ବରୁ, ସେ ସର୍ବଦା ଈଶ୍ୱରଙ୍କ ସହିତ ପରାମର୍ଶ କରୁଥିଲେ । ସଦାପ୍ରଭୁ ତାଙ୍କ ସପକ୍ଷରେ ଯୁଦ୍ଧ କରୁଥିଲେ ।

(୬) ଜଣେ ଯୁବକ ଭାବରେ, ଗୋଟିଏ ସିଂହ ଓ ଗୋଟିଏ ଭାଲୁକୁ ନିଜ ହାତ ଦ୍ୱାରା ବଧ କରିଥିଲେ କାରଣ ସେମାନେ ମେଷଗୁଡ଼ିକୁ ଆକ୍ରମଣ କରିବାକୁ ଆସିଥିଲେ । ସେ ନିଜର ଜୀବନ ପାଇଁ ଚିନ୍ତିତ ନ ଥିଲେ । ଯୀଶୁ କହିଥିଲେ, ''ମୁଁ ଉତ୍ତମ ମେଷପାଳକ । ଉତ୍ତମ ମେଷପାଳକ ମେଷଗୁଡ଼ିକ ପାଇଁ ନିଜର ପ୍ରାଣ ଦିଏ ।'' ଏହି ଗୁଣ ଦାଉଦଙ୍କୁ ରାଜା କରିବା ପାଇଁ ପ୍ରଭୁଙ୍କୁ ପ୍ରଭାବିତ କରିଥିଲା ।

(୭) ସେ ନିଜର ପ୍ରଜାମାନଙ୍କୁ ଏକ ଦାୟିତ୍ୱବାନ୍ ସରକାର ପ୍ରଦାନ କରିଥିଲେ ଓ ସେ ଇସ୍ରାଏଲର ସର୍ବୋତ୍ତମ ରାଜା ଥିଲେ । ତାଙ୍କ ସମୟରେ ଲୋକମାନେ ଖୁସି ଥିଲେ ।

(୮) ସଦାପ୍ରଭୁ ଦାଉଦଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ ଯେ ତାଙ୍କ ମୃତ୍ୟୁ ପରେ, ସେ ତାଙ୍କର ବଂଶକୁ, ତାଙ୍କ ଶରୀରରୁ ଜାତ ବ୍ୟକ୍ତିକୁ ସିଂହାସନ ଦେବେ ଓ ତାଙ୍କର ରାଜ୍ୟ ସ୍ଥାପନ କରିବେ । ସେ ପ୍ରଭୁଙ୍କ ନାମରେ ଏକ ଗୃହ ନିର୍ମାଣ କରିବ ଓ ସଦାପ୍ରଭୁ ତାଙ୍କର ରାଜ୍ୟ ଚିରସ୍ଥାୟୀ କରିବେ ।

(୯) ତଥାପି, ଦାଉଦ ସଂପୂର୍ଣ୍ଣ ଦୋଷଶୂନ୍ୟ ନ ଥିଲେ । ସେ ତାଙ୍କ ରାଜପ୍ରାସାଦ ନିକଟରେ ରହୁଥିବା ଜଣେ ବିବାହିତା ହିତ୍ତୀୟା ସ୍ତ୍ରୀ, ବତ୍‌ଶେବାଙ୍କ ବିରୁଦ୍ଧରେ ଏକ ଘୃଣ୍ୟ ଅପରାଧ କରିଥିଲେ । ତାଙ୍କର ସ୍ୱାମୀ ଯୁଦ୍ଧ କ୍ଷେତ୍ରରେ ଥିବା ସମୟରେ, ଦାଉଦ ନିଜ ପ୍ରାସାଦର ଛାତ ଉପରୁ ସେହି ସ୍ତ୍ରୀଙ୍କୁ ସ୍ନାନ କରୁଥିବାର ଦେଖିଥିଲେ । ସେ ଲୋକ ପଠାଇ ତାଙ୍କୁ ପ୍ରାସାଦକୁ ଆଣିଥିଲେ ଓ ତାଙ୍କ ସହିତ ସହବାସ କରି ତାଙ୍କୁ ତାଙ୍କ ଗୃହକୁ ପଠାଇ ଦେଇଥିଲେ । ଯେତେବେଳେ ସେ ଗର୍ଭବତୀ ହୋଇଛନ୍ତି ବୋଲି ଦାଉଦ ଜାଣିଲେ, ସେତେବେଳେ ସେ ଅସ୍ଥିର ହେଲେ ଓ ତାଙ୍କ ସ୍ୱାମୀଠାରୁ ମୁକ୍ତି ପାଇବାକୁ ଇଚ୍ଛା କଲେ । ସେ ଚତୁରତାର ସହିତ ଏହା କରିଥିଲେ । ଭାବବାଦୀ ନାଥନ ରାଜାଙ୍କୁ ତାଙ୍କର ଅପରାଧ ବିଷୟରେ ଜ୍ଞାତ କରାଇଥିଲେ । ଦାଉଦ ନିଜର ଅପରାଧ ସ୍ୱୀକାର କରି, କ୍ରନ୍ଦନ ଓ ବିଳାପ କରିଥିଲେ । ମାତ୍ର ଦାଉଦ ଈଶ୍ୱରଙ୍କର ଅତି ଅନ୍ତରଙ୍ଗ ହୋଇଥିଲେ ସୁଦ୍ଧା, ତାଙ୍କୁ ଈଶ୍ୱରଙ୍କ ଦଣ୍ଡ ଭୋଗିବାକୁ ପଡ଼ିଥିଲା । ଦଣ୍ଡ ଅତି ଗୁରୁତର ଥିଲା । ଦାଉଦ ନିଜ ପାପ ସ୍ୱୀକାର କରି ପ୍ରଭୁଙ୍କୁ କ୍ଷମା ମାଗିଥିଲେ । ସଦାପ୍ରଭୁ ନିଜର ପ୍ରଚୁର ଅନୁଗ୍ରହ ଦ୍ୱାରା ତାଙ୍କୁ କ୍ଷମା କରିଥିଲେ ।

ରାଜା ଦାଉଦ ସମସ୍ତ ଆଦର୍ଶ ଅନୁସାରେ ଇସ୍ରାଏଲର ସର୍ବଶ୍ରେଷ୍ଠ ରାଜା ଥିଲେ । ତାଙ୍କର ଅତି ବ୍ୟସ୍ତ କାର୍ଯ୍ୟସୂଚୀ ସତ୍ତ୍ୱେ, ସେ ସଦାପ୍ରଭୁଙ୍କ ସହିତ ଗମନାଗମନ କରିଥିଲେ । ସେ ରାଜା ଥିଲେ ଓ ଯିରୂଶାଲମକୁ ସଦାପ୍ରଭୁଙ୍କ ସିନ୍ଦୁକ ଅଣାଯିବା ସମୟରେ, ଯାଜକର କାର୍ଯ୍ୟ ମଧ୍ୟ କରିଥିଲେ । ଯୀଶୁ ଖ୍ରୀଷ୍ଟଙ୍କ ବଂଶାବଳିରେ, ଦାଉଦ ଏକ ଉଚ୍ଚ ସ୍ଥାନ ପାଇବାର ଯୋଗ୍ୟ ଅଟନ୍ତି ।

## ଯୀଶୁ ଖ୍ରୀଷ୍ଟ !

ଯୀଶୁ ଖ୍ରୀଷ୍ଟ ଈଶ୍ୱର ଅଟନ୍ତି । ସେ ଈଶ୍ୱରଙ୍କ ପୁତ୍ର ନାମରେ ତ୍ରିଏକ ପରମେଶ୍ୱରଙ୍କର ଜଣେ ସଦସ୍ୟ ଅଟନ୍ତି । ସେ ସେହି ମସୀହ ଅଟନ୍ତି ଯିଏ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ ହେବାକୁ ଯାଉଛନ୍ତି । ସେ ଜଗତର ପାପ ନିମନ୍ତେ ମୃତ୍ୟୁବରଣ କରିବାକୁ ଏକ ଉତ୍ସର୍ଗୀକୃତ ମେଷଶାବକଭାବରେ ଜଗତ ମଧ୍ୟକୁ ଆସିଥିଲେ । ଏହାପରେ ସେ ରାଜା ଓ ମହାଯାଜକ ଭାବରେ ମଲ୍‌କୀଷେଦକଙ୍କର ଉଭୟ ଗୁଣ ସହିତ ଆଗମନ କରିବେ । ସେ ସେହି ମଲ୍‌କୀଷେଦକଙ୍କ ଅପେକ୍ଷା ଅଧିକ, ଯାହାଙ୍କର ଆଦି କିମ୍ବା ଅନ୍ତ ନାହିଁ । ବର୍ତ୍ତମାନ ପୁନରୁତ୍ଥିତ ଯୀଶୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଛନ୍ତି (ଗୀତ ୧୧୦:୧) ।

## ଯୀଶୁଙ୍କୁ ସମସ୍ତ କ୍ଷମତା ପ୍ରଦତ୍ତ ହୋଇଛି

ପିତା ଯୀଶୁଙ୍କୁ ଜଗତର ବିଚାର କରିବାର କ୍ଷମତା ପ୍ରଦାନ କରିଥିଲେ (ଯୋହନ ୫:୨୨) । ଯୀଶୁ ଜାଣିଥିଲେ ଯେ ପିତା ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କରିଛନ୍ତି ଓ ସେ ଈଶ୍ୱରଙ୍କଠାରୁ ଆସିଛନ୍ତି ଓ ଈଶ୍ୱରଙ୍କ ନିକଟକୁ ଯାଉଛନ୍ତି । ସେ ନିଜକୁ ନମ୍ର କରି ନିଜ ଶିଷ୍ୟମାନଙ୍କ ପାଦ ଧୋଇବା ଆରମ୍ଭ କରିଥିଲେ (ଯୋହନ ୧୩:୩-୫) । ପୁନରୁତ୍ଥିତ ଯୀଶୁ ନିଜ ଶିଷ୍ୟମାନଙ୍କ ସମ୍ମୁଖରେ ଘୋଷଣା କରିଥିଲେ, "ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ ..." (ମାଥିଉ ୨୮:୧୮,୧୯) ।

## ଯୀଶୁ ପୁନର୍ବାର ଆସିବେ

ବର୍ତ୍ତମାନ ହେବଲଙ୍କଠାରୁ ଆରମ୍ଭ କରି ବାପ୍ତିଜକ ଯୋହନଙ୍କ ପର୍ଯ୍ୟନ୍ତ ସମସ୍ତ ଧାର୍ମିକ ମୃତ ବ୍ୟକ୍ତିମାନେ ପାରଦୀଶରେ ବିଶ୍ରାମ ନେଉଛନ୍ତି । ସେହିପରି ନୂତନ ନିୟମ ଦିନଗୁଡ଼ିକରେ ଖ୍ରୀଷ୍ଟଙ୍କଠାରେ ମୃତ୍ୟୁବରଣ କରିଥିବା ଲୋକମାନେ ମଧ୍ୟ ପାରଦୀଶରେ ବିଶ୍ରାମ ନେଉଛନ୍ତି । ବାଇବଲରେ ଲେଖାଅଛି, "କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମେ ଉଠିବେ, ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ଶୂନ୍ୟ ମଣ୍ଡଳକୁ ନୀତ ହେବୁ । ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ" (୧ ଥେସଲ ୪:୧୬-୧୭) । ପୁନରୁତ୍ଥାନ ପରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ସ୍ୱର୍ଗକୁ ନେଇଯିବେ ।

ପ୍ରଭୁଙ୍କର ଆଗମନ ସମୟ କାହାରିକୁ ଜଣା ନାହିଁ । କେବଳ ପିତା ତାହା ଜାଣନ୍ତି । କେତେକ ଲୋକ କହନ୍ତି ଯେ ପ୍ରଭୁଙ୍କର ଆଗମନ ଖ୍ରୀଷ୍ଟାରିର ଉତ୍ଥାନ ପୂର୍ବରୁ ହେବ କାରଣ ମନୋନୀତ ଲୋକମାନେ ତା'ର ଓ ତା'ର ବିଶ୍ୱାସଘାତକ ଶାସନର ସମ୍ମୁଖୀନ ହେବେ ନାହିଁ । କେତେ ଜଣ ୧ ଥେସଲନୀକୀୟ ୨:୩ ଉଲ୍ଲେଖ କରି କହନ୍ତି ଯେ "ସେହି ଦିନ ପୂର୍ବରୁ, ପ୍ରଥମେ ଧର୍ମଚ୍ୟୁତି ଘଟିବ, ଆଉ ବିନାଶର ସନ୍ତାନ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବ ।" ଯେ କୌଣସି ପ୍ରକାରେ, ଯୀଶୁ ଧାର୍ମିକ ମୃତମାନଙ୍କୁ ଓ ଖ୍ରୀଷ୍ଟରେ ଉଭୟ ମୃତ ଓ ଜୀବିତ ଲୋକମାନଙ୍କୁ ନେବା ପାଇଁ ଆସୁଅଛନ୍ତି । ତାହା ଗୋଟିଏ ଦଳ ଘଟଣା ଅଟେ । ଏହା ଜଗତର ଆରମ୍ଭ, ଅର୍ଥାତ୍, ଆଦମଙ୍କଠାରୁ ଆରମ୍ଭ କରି ପ୍ରଭୁଙ୍କର ଆଗମନ ପର୍ଯ୍ୟନ୍ତ, ପ୍ରାୟ ୬୦୦୦ରୁ ଉର୍ଦ୍ଧ୍ୱ ବର୍ଷଗୁଡ଼ିକରୁ ଉତ୍ପନ୍ନ ପ୍ରଭୁଙ୍କର ଫଳ ଅଟେ ।

ଈଶ୍ୱରଙ୍କ ରାଜ୍ୟ ପାଇଁ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅନ୍ୟ ଏକ ଦଳକୁ ଦେଖୁଛନ୍ତି । ଏହି ଦଳ ମଧ୍ୟରେ ୧୨ ଗୋଷ୍ଠୀ ମଧ୍ୟରେ ୧୨,୦୦୦ ଲେଖାଏଁ ଏକ ଲକ୍ଷ ୪୪ ହଜାର ଲୋକ ଅଛନ୍ତି ଓ ଏମାନଙ୍କର ପ୍ରତ୍ୟେକଙ୍କର କପାଳ ଦୂତମାନଙ୍କ ଦ୍ୱାରା ମୁଦ୍ରାଙ୍କିତ ଅଟେ (ପ୍ରକାଶିତ ୭:୧-୮) । ଏହି ତାଲିକାରେ ଦାନଗୋଷ୍ଠୀ ନାହାନ୍ତି କାରଣ ସେମାନେ ବହୁଳଭାବରେ ମୂର୍ତ୍ତିପୂଜାରେ ଆସକ୍ତ ହୋଇଥିଲେ (ଆଦି ୪୯:୧୭, ବିଚାର ୧୮:୩୦, ୧ ରାଜା ୧୨:୨୮,୨୯) । କିନ୍ତୁ, ମୋଟ ସଂଖ୍ୟା ୧୨ ରହିଛି, କାରଣ ମନଃଶି ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଭୁ ଇସ୍ରାଏଲର ଏହି ଏକ ଲକ୍ଷ ୪୪ ହଜାର ଲୋକଙ୍କୁ ସ୍ୱତନ୍ତ୍ର ବ୍ୟବହାର ଦେଖାଇବେ ଓ ସହସ୍ରାବ୍ଦର ରାଜତ୍ୱରେ ବହୁଗୁଣିତ ହେବା ପାଇଁ ସେମାନଙ୍କୁ ଅନୁମତି ଦେବେ । ଆଠଜଣ ସଦସ୍ୟ ବିଶିଷ୍ଟ (ନୋହଙ୍କର) ପରିବାର ୪୦୦୦ରୁ ଉର୍ଦ୍ଧ୍ୱ ବର୍ଷ ଧରି (୨୦୦୧ + ୨୦୦୦), ଅର୍ଥାତ୍ ନୋହଙ୍କଠାରୁ ଆଜି ପର୍ଯ୍ୟନ୍ତ ୭୦୦ କୋଟିରୁ ଅଧିକ ଲୋକରେ ବୃଦ୍ଧି ପାଇଛନ୍ତି । ସେହିପରି ଏହି ୧ ଲକ୍ଷ ୪୪ ହଜାର ଲୋକ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁଙ୍କର ୧୦୦୦ ବର୍ଷର ରାଜତ୍ୱ ସମୟରେ ୭୦୦ କୋଟିରୁ ଅଧିକ ସଂଖ୍ୟକ ଲୋକଙ୍କୁ ଉତ୍ପନ୍ନ କରିପାରିବେ । ସହସ୍ର ବର୍ଷର ରାଜତ୍ୱ ସମୟରେ, ମନୋନୀତ ହୋଇ ସାରିଥିବା ଲୋକମାନେ ଦୂତମାନଙ୍କ ଭଳି ନୀରବ ଦ୍ରଷ୍ଟା ହୋଇ ରହିବେ । ସେହିପରି, ଈଶ୍ୱରଙ୍କ ରାଜ୍ୟ ପାଇଁ ମନୋନୀତ ହୋଇ ସାରିଥିବା ଓ ୧ ଲକ୍ଷ ୪୪ ହଜାରଙ୍କ ମଧ୍ୟରୁ ମନୋନୀତ ହେବାକୁ ଥିବା ଲୋକମାନେ ଏକ ବୃହତ୍ ଦଳ ଗଠନ କରିବେ । ପିତା ଈଶ୍ୱର ଓ ପୁତ୍ର ଈଶ୍ୱର ଏହି ବିଶାଳ ସମାବେଶ ଦେଖି ଆନନ୍ଦ କରିବେ ।

ସେଥିପାଇଁ, ସମସ୍ତ ଆଦର୍ଶ ଦୃଷ୍ଟିରୁ, ଯୀଶୁ ଖ୍ରୀଷ୍ଟ, ରାଜା ଓ ମହାଯାଜକ ଭାବରେ ମଲ୍‌କୀଷେଦକଙ୍କ ଠାରୁ ଅଧିକ ପ୍ରେମ ଓ ସମ୍ମାନ ଲାଭ କରିବେ । ସଦାପ୍ରଭୁ ଆମକୁ ସେହି ସୁନ୍ଦର ଦେଶ, ଈଶ୍ୱରଙ୍କ ରାଜ୍ୟ (ଅନନ୍ତକାଳ) ମଧ୍ୟକୁ ନେଇ ଯାଆନ୍ତୁ ।

★★★



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*‘‘ଯେ ପାଠ କରେ, ସେ ବୁଝୁ’’ (ମାଥିଉ ୨୪:୧୫)*

## ମୋର ପୃଷ୍ଠଭୂମି

ଆମର ମାସିକ ପତ୍ରିକା ‘‘ଆହ୍ୱାନର ପ୍ରତିଧ୍ୱନି’’ରେ, ଆମେ ଅନେକ ବର୍ଷ ଧରି ଈଶ୍ୱରଙ୍କ ଅନୁଗ୍ରହରୁ ‘‘ଗର୍ତ୍ତରୁ ରାଜ ପ୍ରାସାଦ’’ ନାମକ ଏକ ପ୍ରବନ୍ଧ ପ୍ରକାଶ କରି ଆସୁଅଛୁ । ସେଠାରେ ମୁଁ ସେହି ମାର୍ଗଗୁଡ଼ିକ ବିଷୟରେ ଲେଖୁଅଛି, ଯଦ୍ଦ୍ୱାରା ସଦାପ୍ରଭୁ ପରମେଶ୍ୱର ମୋତେ ଚାଳନା ଦେଇ ଆସୁଛନ୍ତି ।

ମୁଁ ପବିତ୍ର ଆତ୍ମାଙ୍କର ପ୍ରେରଣା ଦ୍ୱାରା ଏପରି ଗୋଟିଏ ପୁସ୍ତକ ଲେଖିଛି ଯେଉଁଥିରେ ମୋ’ ଜୀବନର ଆରମ୍ଭରୁ ପ୍ରଭୁ ମୋତେ କିପରି ଚାଳନା ଦେଇଛନ୍ତି ଓ ଉନ୍ନତ କରିଛନ୍ତି, ସେହି ସମସ୍ତ ବିଷୟକୁ ସଂଗୃହୀତ କରାଯାଇଛି । ମୁଁ ଅସୁସ୍ଥ ଥିବା ସମୟରେ ଓ ଅନ୍ୟ ସମୟରେ ମଧ୍ୟ, ଈଶ୍ୱରଙ୍କ ନିକଟରେ କରିଥିବା ପ୍ରତିଜ୍ଞା ସବୁ ଓ ମୋର ପାଠକମାନଙ୍କର କିଛି ଦୃଢ଼ ଇଚ୍ଛା ମୋତେ ଏହି ପୁସ୍ତକ ଲେଖିବା ଆରମ୍ଭ କରିବାକୁ ପ୍ରରୋଚିତ କରିଥିଲା ।

ଏହି କାର୍ଯ୍ୟ ଅନେକ ବର୍ଷ ବିଳମ୍ବ ହୋଇଗଲା । ଅନପେକ୍ଷିତ ଭାବରେ, ୨୦୨୧ ଡିସେମ୍ବର ୫, ରବିବାର ସନ୍ଧ୍ୟାରେ ଆମେ ‘‘Friends Sunday’’ ନାମକ ଏକ କାର୍ଯ୍ୟକ୍ରମ ସହିତ ମୋର ପୁତ୍ର, ପାଳକ ଆଲେକ୍ସ ସାମସନ୍ ସାମ୍‌ଙ୍କର ଜନ୍ମ ଦିବସ ପାଳନର ଆୟୋଜନ କରିଥିଲୁ । ସେହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପରେ, ମୁଁ ରାତି ପ୍ରାୟ ୧୨ଟାରେ ଶୋଇବାକୁ ଯାଇଥିଲି । ପବିତ୍ର ଆତ୍ମା ପ୍ରାୟ ୩ ଘଣ୍ଟା ଧରି ମୋର ଆଭ୍ୟନ୍ତରୀଣ ଅନୁଭବ ଓ ସ୍ୱପ୍ନଗୁଡ଼ିକ ସହିତ ସଂପୃକ୍ତ ହୋଇ ରହିଥିଲେ ।

ଠିକ୍ ଭୋର ୩ଟାରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋତେ ଉଠାଇଲେ ଓ ଏହି କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରରୋଚିତ କଲେ । ପ୍ରଭୁ ମୋର ଆତ୍ମିକ ଚକ୍ଷୁ ସମ୍ମୁଖରେ ନିମ୍ନଲିଖିତ ପଦ ଆଣିଥିଲେ : ‘‘ସେ ଏକାକୀ ଥିବା ବେଳେ ଆମ୍ଭେ ତାହାକୁ ଆହ୍ୱାନ କଲୁ ଓ ଆମେ ଆଶୀର୍ବାଦ କରି ତାହାକୁ ବହୁ ବଂଶ କଲୁ’’ (ଯିଶାଇୟ ୫୧:୨) ।

ଏହାପରେ ବାଇବଲ, ଗୋଟିଏ ଖାତା ଓ ଗୋଟିଏ କଲମ ଆଣିବା ପାଇଁ ସେ ମୋତେ ବାଧ କରିଥିଲେ । ମୁଁ ଆଣ୍ଠୁଭାଙ୍ଗି ବସିଲି ଓ କହିଲି, ‘‘ପ୍ରିୟ ପିତା ! ମୁଁ ଆପଣଙ୍କର ବାଧ ହୋଇ ମୋର ପ୍ରକୃତ ଆତ୍ମ ଜୀବନୀ ଲେଖିବା ପାଇଁ ନିଜକୁ ସମର୍ପିତ କରୁଅଛି । ଦୟାକରି, ଏହି ପୁସ୍ତକ ଶେଷ ହୋଇ ଅନେକ ଭାଷାରେ ପ୍ରକାଶିତ ହେବା ପର୍ଯ୍ୟନ୍ତ ମୋତେ ସୁରକ୍ଷିତ ରଖ ।’’ ପ୍ରଭୁ ମୋତେ ଏହି କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଶ୍ୱାସ ପ୍ରଦାନ କରିଥିଲେ ।

ମୋ’ ନିକଟରେ ମୋ’ ବାଲ୍ୟକାଳର ଫୋଟୋ ନାହିଁ । ସେଥିପାଇଁ, ପ୍ରଭୁ ଚିତ୍ର ଆଙ୍କିବା ପାଇଁ ମୋର କାର୍ଯ୍ୟାଳୟର ସହକର୍ମୀ ଭଉଣୀ ଡେଜୀଙ୍କୁ ଅନୁରୋଧ କରିବାକୁ ମୋତେ ପ୍ରେରଣା ଦେଇଥିଲେ । ସେ ମଧ୍ୟ ଏହିପରି ଚିତ୍ରାଙ୍କନରେ ମୋତେ ସାହାଯ୍ୟ କରିବା ପାଇଁ ଆଗକୁ ଆସିଥିଲେ ।

ମୁଁ ଏହିସବୁ ପରିବେଶ ଭିତରେ ଏହି ପୁସ୍ତକ ଲେଖିବା ଆରମ୍ଭ କରିଅଛି ।

## ମୋର ବାଲ୍ୟକାଳ

ମୋର ମା’ ରୋଜ୍‌ଲେଟ୍ ଦକ୍ଷିଣ ଭାରତର କନ୍ୟାକୁମାରୀ ଜିଲ୍ଲାସ୍ଥିତ ନେୟୁରର ନେଲ୍ଲାରାଇ କୋନମ୍‌ରୁ ଆସଥିଲେ । ମୋର ପ୍ରମାତାମହ ଶ୍ରୀଯୁକ୍ତ ମାର୍ଥାନ୍ଦନ ଜଣେ ଅତି ନୈଷ୍ଠିକ ହିନ୍ଦୁ ଥିଲେ । ତାଙ୍କ ପୁତ୍ର, ଅର୍ଥାତ୍ ମୋର ମାତାମହ ଶ୍ରୀଯୁକ୍ତ ନାରାୟନନ୍ ମଧ୍ୟ ଜଣେ ନୈଷ୍ଠିକ ହିନ୍ଦୁ ଥିଲେ । ଦିନ ସବୁ ଅତିକ୍ରାନ୍ତ ହେବା ସମୟରେ, ସେମାନେ ଚର୍ଚ୍ଚ ଅଫ୍ ସାଉଥ୍ ଇଣ୍ଡିଆର ପ୍ରଚାର କାର୍ଯ୍ୟ ମାଧ୍ୟମରେ ଖ୍ରୀଷ୍ଟିଆନ ହୋଇଥିଲେ । ମୋର ମାତାମହଙ୍କର ନାମ ‘‘ନାଥନିୟେଲ’’କୁ ପରିବର୍ତ୍ତିତ ହୋଇଥିଲା । ସେ ଦକ୍ଷିଣ ଭାରତର କୋଲାଚେଲ୍-ଉଦିୟାର୍‌ଭିଲାଇ ମଣ୍ଡଳୀର ‘‘ଜ୍ଞାନାପୁ’’ ନାମ୍ନୀ ଜଣେ ଯୁବତୀଙ୍କୁ ବିବାହ କରିଥିଲେ । ସେମାନଙ୍କର ପ୍ରଥମ କନ୍ୟା ଥିଲେ ମୋର ମା’ ରୋଜ୍‌ଲେଟ ।

ମୋର ପିତାଙ୍କ ନାମ ଶ୍ରୀ ସେଲ୍‌ଭାଦାସ ଓ ତାଙ୍କ ପିତା (ମୋର ପିତାମହ), ଶ୍ରୀଯୁକ୍ତ ଶାମୁୟେଲ ଦକ୍ଷିଣ ଭାରତର ନେୟୁର ସ୍ଥିତ ନେଲ୍ଲାରାଇକୋନମ ମଣ୍ଡଳୀର ଜଣେ ସଦସ୍ୟ ଥିଲେ । ମୋର ପିତାମହୀ ଶ୍ରୀମତୀ ମୁଥାମ୍ମଲ୍ ପାଲ୍ଲିୟାଡ଼ି ଗ୍ରାମର ଥିଲେ ଓ ସେ ଜଣେ ବିଶ୍ୱାସିନୀ ମହିଳା ଥିଲେ । ମୋର ପିତାମହ ଶ୍ରୀଯୁକ୍ତ ଶାମୁୟେଲ ପ୍ରସିଦ୍ଧ ନେୟୁର ଚର୍ଚ୍ଚ ଅଫ୍ ସାଉଥ୍ ଇଣ୍ଡିଆ ହସ୍‌ପିଟାଲାରେ ଜଣେ କମ୍ପାଉଣ୍ଡର ଭାବରେ କାର୍ଯ୍ୟ କରୁଥିଲେ । ଡାକ୍ତର ସମର୍‌ଭେଲ୍ ନାମକ ଜଣେ ୟୁରୋପୀୟଙ୍କ ଅଧୀନରେ କାର୍ଯ୍ୟ କରିବାର ସୌଭାଗ୍ୟ


**କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ**

**୧. ବାଇବଲ କୋର**

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - ‘‘ଆପଣଙ୍କ ନିମନ୍ତେ ନୂତନ ଜୀବନ’’ ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

**୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ**

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

ତାଙ୍କର ଥିଲା । ସେହି ଡାକ୍ତର ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟ ଆରୋହଣ କରି ରେକର୍ଡ ସୃଷ୍ଟି କରିଥିଲେ । ମୋର ପିତାମହ ତାଙ୍କର ଡାକ୍ତରୀ କାର୍ଯ୍ୟକୁ ଈଶ୍ୱରଙ୍କ ସେବାକାର୍ଯ୍ୟ ବୋଲି ବିଚାର କରୁଥିଲେ ଓ ତାଙ୍କ ପିଲାମାନଙ୍କ ପାଇଁ ଓ ମଣ୍ଡଳୀ ପାଇଁ ଏକ ଦୃଷ୍ଟାନ୍ତ ଭାବରେ ଜୀବନ କାଟିଥିଲେ । ମୋର ପିତାମହ ଓ ମାତାମହ ମୋ' ଜୀବନରେ ଏକ ଦୃଢ଼ ଆତ୍ମିକ ମୂଳଦୁଆ ସ୍ଥାପନ କରିଥିଲେ ।

 କ୍ରମଶଃ ...

* * *

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

**୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।**

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATIONS BY ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th FEBRUARY 2022.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**